# ରାଜ୍ୟ ପୁସ୍ତକ ମହୋତ୍ସବରେ ଭାଗନେବନି ଓଡ଼ିଶା ପ୍ରକାଶକ ସଂଘ

## ଷ୍ଟଲ୍ ଆବଣ୍ଟନରେ ପାତରଅନ୍ତର ବିବାଦ ତେଜିଲା

■୬୧ ଷ୍ଟଲ୍ ଫେରାଇବାକୁ ଆବେଦନ କଲେ

■ସୋମବାର ଓହରିବେ ୩୦ରୁ ଊର୍ଦ୍ଧ୍ୱ ପ୍ରକାଶକ

ଭୁବନେଶ୍ୱର,୩୦।୧୧(ସୌମ୍ୟରଞ୍ଜନ ରାଉତ)

ଆସନ୍ତା ୬ ତାରିଖରୁ ପ୍ରଦର୍ଶନୀ ପଡ଼ିଆରେ ଆରମ୍ଭ ହେବ ରାଜ୍ୟ ପୁସ୍ତକ ମହୋତ୍ସବ। ଆଉମାତ୍ର ୫ଦିନ ବାକିଥିବାବେଳେ ଷ୍ଟଲ୍ ଆବଣ୍ଟନକୁ ନେଇ ବିବାଦ ତେଜିବାରେ ଲାଗିଛି। ଓଡ଼ିଆ ଅସ୍ମିତାକୁ ଗୁରୁତ୍ୱ ଦେଉଥିବା ରାଜ୍ୟ ସରକାର ପୁସ୍ତକ ମେଳା ଆୟୋଜନରେ ଓଡ଼ିଆ ପ୍ରକାଶକ ଏବଂ ଓଡ଼ିଆ ପୁସ୍ତକକୁ ଅବହେଳା କରୁଥିବା ଅଭିଯୋଗ ଆଣିଛି ରାଜ୍ୟର ସର୍ବବୃହତ୍ ପ୍ରକାଶକ ସାମ୍ମୁଖ୍ୟ ଓଡ଼ିଶା ପ୍ରକାଶକ ସଂଘ। ଷ୍ଟଲ୍ ଆବଣ୍ଟନରେ ପାତରଅନ୍ତର ଅଭିଯୋଗ ଆଣିବା ସହ ପ୍ରତିବାଦରେ ସଂଘର ସଦସ୍ୟମାନେ ପଞ୍ଜୀକୃତ କରିଥିବା ୧୨୦ରୁ ଅଧିକ ଷ୍ଟଲ ଫେରାଇଦେଇ ପୁସ୍ତକ ମହୋତ୍ସବରେ ଭାଗ ନେବେନାହିଁ ବୋଲି ନିଷ୍ପତ୍ତି ନେଇଛନ୍ତି। ଏ ସମ୍ପର୍କରେ ସୂଚନା ଦେଇ ସଂଘ ସଭାପତି କ୍ଷୀରୋଦ ଚନ୍ଦ୍ର ପତି କହିଛନ୍ତି, ଶନିବାର ଅପରାହ୍ଣରେ ପକ୍ଷୀଘର ପ୍ରକାଶନୀର ବନୋଜ ତ୍ରିପାଠୀ, ଟାଇମ୍ ପାସ୍‌ର ସରୋଜ ବଳ, ବିଶ୍ୱମୁକ୍ତି ପବ୍ଲିକେଶନର ସୁଧୀର ମଉଡ଼ମଣି, ଆଦିତ୍ୟ ଭାରତର ଦେବାଶିଷ ସାମନ୍ତରାୟ, ବି.କେ. ପବ୍ଲିକେଶନ୍ସର ବିଜୟ କୁମାର ମହାପାତ୍ର, ଅପୂର୍ବା ପ୍ରକାଶନୀର କ୍ଷୀରୋଦ ଚନ୍ଦ୍ର ପତି, ପେନ୍ ଇନ ବୁକ୍ସର ଶୁଭ୍ରାଂଶୁ ପଣ୍ଡା ପ୍ରମୁଖ ସାହିତ୍ୟ ଏକାଡେମୀ କାର୍ଯ୍ୟାଳୟ ଯାଇ ୬୧ ଷ୍ଟଲ ଫେରାଇବା ପାଇଁ ଆବେଦନ କରିଛନ୍ତି। ସୋମବାର ଆଉ ୩୦ ପ୍ରକାଶକ ଷ୍ଟଲ ଫେରାଇବା ପାଇଁ ଆବେଦନ କରିବେ। ସମ୍ପାଦକ ଶୁଭ୍ରାଂଶୁ ପଣ୍ଡା କହିଛନ୍ତି, ପୂର୍ବ ବର୍ଷଗୁଡିକରେ ଆମେ ବାରମ୍ବାର ସରକାରଙ୍କ ପାତରଅନ୍ତରର ଶିକାର ହୋଇଥିଲୁ ଓ ପ୍ରତିବାଦ କରିଆସିଥିଲୁ। ଚଳିତବର୍ଷ ପୁସ୍ତକମେଳା ହେବା ନେଇ ସରକାର ନିଷ୍ପତ୍ତି ନେବା ପରେ ଆମେ ସ୍ୱାଗତ କରିଥିଲୁ ଏବଂ ସରକାରଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରିବୁ ବୋଲି ଘୋଷଣା କରିଥିଲୁ। କିନ୍ତୁ ପୂର୍ବ ସରକାରଙ୍କ ତ୍ରୁଟିକୁ ନୂଆ ସରକାର ସୁଧାରିବେ ଓ ଅଧିକ ଗଣତାନ୍ତ୍ରିକ ଉପାୟରେ ମେଳା ଆୟୋଜନ କରିବେ ବୋଲି ଆମେ ଆଶା କରିଥିଲୁ। କିନ୍ତୁ ଏଥିରେ ବ୍ୟତିକ୍ରମ ଘଟିଛି। ପୂର୍ବ ସରକାରରେ ଯେଉଁ ନିର୍ଦ୍ଦିଷ୍ଟ ବହି ବେପାରୀମାନେ ଅଗ୍ରାଧିକାର ପାଉଥିଲେ, ଏଥର ସେମାନେ ମେଳା କିପରି ହେବ ନିଷ୍ପତ୍ତି ନେଉଛନ୍ତି। ମେଳାରେ ଷ୍ଟଲ ଆବଣ୍ଟନ ପାଇଁ ସରକାର ଏକ କମିଟି ଗଠନ କରିଥିବାବେଳେ ଥରଟିଏ ବି କମିଟିର ବୈଠକ ଡକାଯାଇନାହିଁ। କମିଟିର ବିନା ପରାମର୍ଶରେ ଷ୍ଟଲ ଆବଣ୍ଟନ ହୋଇ ପ୍ରଦର୍ଶନୀ ପଡିଆରେ ଷ୍ଟଲ ନିର୍ମାଣ ଚାଲିଛି। ସଂଘ ସଦସ୍ୟମାନେ ଏଥିରେ ଅସନ୍ତୁଷ୍ଟ ଥିବାରୁ ଆମେ ମେଳାରୁ ଓହରିଯିବାକୁ ନିଷ୍ପତ୍ତି ନେଇଛୁ। ଅଧିକାଂଶ ଲେଖକଙ୍କ ପୁସ୍ତକ ଆମର ସଦସ୍ୟମାନେ ପ୍ରକାଶ କରିଛନ୍ତି ଏବଂ ଆମର ଏ ନିଷ୍ପତ୍ତିରେ ସେମାନେ ଆମର ସମର୍ଥନ କରିବେ ବୋଲି ସଂଘ ସମ୍ପାଦକ ପଣ୍ଡା କହିଛନ୍ତି। ଷ୍ଟଲ ଆବଣ୍ଟନକୁ ଗଣତାନ୍ତ୍ରିକ ପଦ୍ଧତିରେ କରିବା ପାଇଁ ପ୍ରକାଶକ ସଂଘ ସଂସ୍କୃତି ବିଭାଗକୁ ପରାମର୍ଶ ଦେଇଥିଲା। ହେଲେ ବିଭାଗ ସଂଘର ପରାମର୍ଶକୁ ନ ଶୁଣିବାରୁ ବିବାଦ ଉପୁଜିଥିଲା।

# ଆଦର୍ଶ ବିଦ୍ୟାଳୟ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ହେଲେ ସ୍ମିତା ରାଉତ



ଭୁବନେଶ୍ୱର,୩୦।୧୧(ସୁଚିସ୍ମିତା ସାହୁ)

ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନ (ଓଏଭିଏସ୍)ର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ଭାବେ ସ୍ମିତା ରାଉତ ନିଯୁକ୍ତ ହୋଇଛନ୍ତି। ଭାରତୀୟ ପ୍ରଶାସନିକ ସେବାର ଜଣେ ବରିଷ୍ଠ ଅଧିକାରୀ ତଥା ଓଡ଼ିଶା ଫାଇନାନ୍ସ ସର୍ଭିସ୍‌ର ପୂର୍ବତନ ସଦସ୍ୟା ସ୍ମିତା ଶନିବାର କାର୍ଯ୍ୟରେ ଯୋଗଦେଇଛନ୍ତି। ଏହି ଅବସରରେ ଓଏଭିଏସ୍ ପରିବାର ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିଲା।



କଟକ କଳାବିକାଶ କେନ୍ଦ୍ରରେ ଚାଲିଥିବା ଗୁଞ୍ଜନ ଡ୍ୟାନ୍ସ ଆଣ୍ଡ ମ୍ୟୁଜିକ୍ ଫେଷ୍ଟିଭାଲ୍ ଶନିବାର ଉଦ୍‌ଯାପନୀ ସନ୍ଧ୍ୟାରେ ବୀଣାବାଦକ ରାମାରାଓ ପାତ୍ରଙ୍କୁ 'ନିବେଦିତା ପଟ୍ଟନାୟକ ସମ୍ମାନ' ପ୍ରଦାନ କରାଯାଉଛି।

# ରାମାରାଓ ପାତ୍ର ପାଇଲେ 'ନିବେଦିତା ପଟ୍ଟନାୟକ ସମ୍ମାନ'

## ଗୁଞ୍ଜନ ଡ୍ୟାନ୍ସ ଆଣ୍ଡ ମ୍ୟୁଜିକ୍ ଫେଷ୍ଟିଭାଲ ଉଦ୍‌ଯାପିତ

କଟକ, ୩୦।୧୧(ଶିକ୍ଷା ପ୍ରିୟଦର୍ଶିନୀ)



ଶିଳ୍ପୀମାନେ ନୃତ୍ୟନାଟିକା ପରିବେଷଣ କରୁଛନ୍ତି।

କଟକ କଳାବିକାଶ କେନ୍ଦ୍ରରେ ୩ ଦିନ ଧରି ଚାଲିଥିବା ଗୁଞ୍ଜନ ଡ୍ୟାନ୍ସ ଆଣ୍ଡ ମ୍ୟୁଜିକ୍ ଫେଷ୍ଟିଭାଲ୍ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଓଡ଼ିଶୀ ନୃତ୍ୟଗୁରୁ ମୀରା ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଶୀ ନୃତ୍ୟଶିଳ୍ପୀ ପଦ୍ମଶ୍ରୀ କୁମ୍‌କୁମ୍ ମହାନ୍ତି ଯୋଗଦେଇ କହିଛନ୍ତି, ଆଜିର ଯୁବପିଢ଼ି ଓଡ଼ିଶୀ ନୃତ୍ୟ ପ୍ରତି ଆଗ୍ରହ ପ୍ରକାଶ କରିବା ଆବଶ୍ୟକ। ଗୁଞ୍ଜନ ନୃତ୍ୟାନୁଷ୍ଠାନ ଓଡ଼ିଶୀ ନୃତ୍ୟକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି। ଏଥିରେ ସମ୍ମାନିତ ଅତିଥି ଭାବେ ପଦ୍ମଶ୍ରୀ ଶ୍ୟାମାମଣି ଦେବୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍‌ର ରିଜିଓନାଲ ମ୍ୟାନେଜର ଭବାନୀ ଶଙ୍କର ମହାନ୍ତି ଯୋଗଦେଇଥିଲେ। ଏହି ଅବସରରେ ବୀଣାବାଦକ ରାମାରାଓ ପାତ୍ରଙ୍କୁ ନିବେଦିତା ପଟ୍ଟନାୟକ ସମ୍ମାନ ପ୍ରଦାନ କରାଯାଇଥିଲା। ଗୁରୁ ମୀରା ଦାସଙ୍କ ନିର୍ଦ୍ଦେଶନାରେ ଗୁଞ୍ଜନ ଡ୍ୟାନ୍ସ ଏକାଡେମୀର ବରିଷ୍ଠ ନୃତ୍ୟଶିଳ୍ପୀମାନେ ନୃତ୍ୟନାଟିକା 'ଆହେ ନୀଳଶୈଳ' ପରିବେଷଣ କରିଥିଲେ। ଏଥିରେ ଦ୍ରୌପଦୀ ବସ୍ତ୍ରହରଣ, ନୃସିଂହ ଅବତାରରେ ହିରଣ୍ୟକଶ୍ୟପ ବଧ, ରାବଣ ବଧ କାହାଣୀକୁ ଦର୍ଶାଯାଇଥିଲା। ଏହି ନୃତ୍ୟନାଟିକାରେ ଦର୍ଶକ ବିଭୋର ହୋଇଯାଇଥିଲେ। ଏଥିସହ ଅନୁଷ୍ଠାନର କନିଷ୍ଠ ନୃତ୍ୟଶିଳ୍ପୀମାନେ ନୃତ୍ୟ ପରିବେଷଣ କରିଥିଲେ। ବିଶ୍ୱଜିତ୍ ବଳିୟାରସିଂ କାର୍ଯ୍ୟକ୍ରମ ପରିଚାଳନା ଓ ଗୁଞ୍ଜନ ଡ୍ୟାନ୍ସ ଏକାଡେମୀର ସଭାପତି ଗାୟତ୍ରୀ ଦାସ ଧନ୍ୟବାଦ ଦେଇଥିଲେ।

# ୨୦୨୭ ଡିସେମ୍ବର ସୁଦ୍ଧା ମେଟ୍ରୋ ରେଳ ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ସରିବ

ଭୁବନେଶ୍ୱର,୩୦।୧୧(ଅନିଲ ଦାସ)

ମେଟ୍ରୋ ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ୨୦୨୭ ଡିସେମ୍ବର ସୁଦ୍ଧା ଶେଷ ହେବ। ମେଟ୍ରୋ ପ୍ରକଳ୍ପ ସମୀକ୍ଷା ପରେ ଶନିବାର ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ପ୍ରଥମେ ୨୬ କିଲୋମିଟର ମଧ୍ୟରେ ମେଟ୍ରୋ ଚଳାଚଳ ଆରମ୍ଭ ହେବ। ପ୍ରଥମ ୨୦ଟି ଷ୍ଟେଶନରେ ଓଡ଼ିଶାର କଳା, ସଂସ୍କୃତି, ଐତିହ୍ୟର ବାର୍ତ୍ତା ରହିବ ବୋଲି ସେ କହିଛନ୍ତି। ସେହିପରି ଏହି ପ୍ରକଳ୍ପରେ ପ୍ରଥମେ ୧୩ଟି ଟ୍ରେନ୍ ଚାଲିବ, ପ୍ରତ୍ୟେକ ଟ୍ରେନ୍‌ରେ ୩ଟି କୋଚ୍ ରହିବ। ମେଟ୍ରୋ ପ୍ରକଳ୍ପରେ ପ୍ରତ୍ୟେକ ଦିନ ୯୫ ହଜାର ଲୋକ ଯିବାର କ୍ଷମତା ରହିବ। ଏହି ପ୍ରକଳ୍ପ ପାଇଁ ଆବଶ୍ୟକ ୯୨ ଏକର ଜମି ମିଳିସାରିଛି। ଆଉ ୧୫ ଏକର ଜମି ଖୁବ୍‌ଶୀଘ୍ର ଦିଆଯିବ ବୋଲି ଅପରାଜିତା କହିଛନ୍ତି। ସେହିପରି ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପ ପାଇଁ ମୋଟ ୬,୨୫୬ କୋଟି ଟଙ୍କା ଖର୍ଚ୍ଚ ନେଇ ଆକଳନ ହୋଇଛି। ପ୍ରଥମ ପର୍ଯ୍ୟାୟ ଖର୍ଚ୍ଚ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବହନ କରିବେ। ଏହାପରେ କେନ୍ଦ୍ରର ସହାୟତା ଦରକାର କି ନାହିଁ ପରେ ଜଣାଯିବ ବୋଲି ଅପରାଜିତା ଷଡ଼ଙ୍ଗୀ କହିଛନ୍ତି।

ସମୁଦାୟ ୨୬ କିଲୋମିଟର ଭିତରେ ୨୦ଟି ମେଟ୍ରୋ ଷ୍ଟେଶନ ରହିଛି। ସେହି ଷ୍ଟେଶନଗୁଡିକ ହେଲା ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦର, କ୍ୟାପିଟାଲ ହସ୍‌ପିଟାଲ ଛକ, ବାପୁଜୀ ନଗର, ଭୁବନେଶ୍ୱର ରେଳ ଷ୍ଟେଶନ, ରାମ ମନ୍ଦିର, ବାଣୀବିହାର, ଆଚାର୍ଯ୍ୟ ବିହାର ଛକ ଦେଇ ଜୟଦେବ ବିହାର, ଜାଭିୟର ଛକ, ରେଳ ସଦନ, ଡିଷ୍ଟ୍ରିକ୍ଟ ସେଣ୍ଟର, ଡମଣା, ପଟିଆ, କିଟ୍, ନନ୍ଦନବିହାର, ରଘୁନାଥପୁର, ନନ୍ଦନକାନନ, ବାରଙ୍ଗ, ଫୁଲପୋଖରୀ ଓ ତ୍ରିଶୂଳିଆ।

ଏହି ମେଟ୍ରୋ ପ୍ରକଳ୍ପ ପାଇଁ ବିଭିନ୍ନ ସ୍ଥାନରେ ମାଟି ପରୀକ୍ଷା ଜାରି ରହିଛି। ପ୍ରାୟ ୫୦/୬୦ ଫୁଟ ତଳୁ ମାଟି ନେଇ ବିଭିନ୍ନ ଲ୍ୟାବ୍‌ରେ ପରୀକ୍ଷା ହେଉଛି। ମାଟି ପରୀକ୍ଷା ସହ ଶିଶୁଭବନ ଛକରୁ ରଘୁନାଥପୁର ଜାଲି ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତୀକରଣ କାମ ଜୋରସୋରରେ ଚାଲିଛି। ଏସବୁ କାମ ପ୍ରାୟ ୨ ମାସ ମଧ୍ୟରେ ସାରିବାକୁ ଲକ୍ଷ୍ୟ ରଖାଯାଇଛି। ଏହାପରେ ଆରମ୍ଭ ହେବ ଫାଉଣ୍ଡେଶନ ଡିଜାଇନ। ଭୂମିଠାରୁ ୧୩ ମିଟର ଉଚ୍ଚରେ ମେଟ୍ରୋ ଲାଇନ ଯିବ।






ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ଲିପ୍ସା



@ ପ୍ରଶାନ୍ତ



@ ସ୍ନେହମୟୀ



@ ସୁଶୀଲ



@ ସସ୍ମିତା

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଓଡ଼ିଶାର ୭ ଜିଲାରେ ମାଓବାଦୀ ସକ୍ରିୟ

## ଆଜି ବିଏସ୍ଏଫ୍‌ର ୬୦ତମ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,୩୦।୧୧(ସତ୍ୟଜିତ୍ ରାଉତ)

ସୀମା ସୁରକ୍ଷା ବଳ (ବିଏସ୍ଏଫ୍)ର ରବିବାର ୬୦ତମ ପ୍ରତିଷ୍ଠା ଦିବସ। ଏହି ଅବସରରେ ଶନିବାର ଭୁବନେଶ୍ୱର ଗଜପତି ନଗରସ୍ଥିତ ରାଜ୍ୟ ମୁଖ୍ୟାଳୟରେ ବିଏସ୍ଏଫ୍ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଏସ୍ଏଫ୍ ଓଡ଼ିଶା ଆଇଜି ଚାରୁଧ୍ୱଜ ଅଗ୍ରୱାଲ କହିଛନ୍ତି, ବର୍ତ୍ତମାନ ଓଡ଼ିଶାର ୭ ଜିଲାରେ ମାଓବାଦୀ ସକ୍ରିୟ ରହିଛନ୍ତି। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମିଳିତ ସହଯୋଗରେ ବିଏସ୍ଏଫ୍ ପକ୍ଷରୁ ମାଓବାଦୀ ବିରୋଧରେ କାର୍ଯ୍ୟ ଜାରି ରହିଛି। ୨୦୨୪ରେ ମୋଟ ୨୪ ମାଓବାଦୀ ଆତ୍ମସମର୍ପଣ କରିଥିବା ଅଗ୍ରୱାଲ ସୂଚନା ଦେଇଛନ୍ତି। ଆଇଜି ଅଗ୍ରୱାଲ ଆହୁରି କହିଥିଲେ ଯେ, ଚଳିତବର୍ଷ ଓଡ଼ିଶାରେ ୩ ମାଓବାଦୀ ନିପାତ ହୋଇଛନ୍ତି। ଏଥିସହ ଚଢ଼ାଉ ଅଭିଯାନରେ ୩୪ ଏଲ୍‌ଇଡି, ୧୧୭ ଗ୍ରେନେଡ୍ ଏବଂ ବିପୁଳ ପରିମାଣର ବନ୍ଧୁକ ଓ ଗୁଳି ଜବତ କରାଯାଇଛି। ବିଏସ୍ଏଫ୍ ସହ ଓଡ଼ିଶା ପୋଲିସ ଓ ଗୋଇନ୍ଦା ସଂସ୍ଥା ପକ୍ଷରୁ ସମନ୍ୱୟ ରକ୍ଷା କରି ମାଓବାଦୀଙ୍କ ବିରୋଧରେ କାର୍ଯ୍ୟ କରାଯାଉଛି। ୨୦୧୦ରୁ ବିଏସ୍ଏଫ୍ ସହାୟତାରେ ମାଓବାଦୀ ପ୍ରବଣ ଅଞ୍ଚଳରେ ୧୨,୧୧୬ ସ୍କୁଲ, ୧,୦୩୭ଟି ହସ୍ପିଟାଲ ଓ ୧୫୨ଟି ଛୋଟ ପୋଲ ଓ ୬୩ ରାସ୍ତା ନିର୍ମାଣ କରାଯାଇଛି। ଏଥିସହ ୯୯ ମୋବାଇଲ ଟାୱାର୍ ଇନ୍‌ଷ୍ଟଲ୍ କରାଯାଇ ଯୋଗାଯୋଗ ସ୍ଥାପନା କରାଯାଇଛି। ଏପରିକି ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଜରିଆରେ ଆଦାବାସୀ ଯୁବକଙ୍କୁ ସଫଳତାର ରାସ୍ତାରେ ନିଆଯାଉଛି। ଓଡ଼ିଶାରେ ପୂର୍ବରୁ ୧୦ ଜିଲା ମାଓବାଦୀ ପ୍ରବଣ ଜିଲା ଭାବେ ଚିହ୍ନଟ କରାଯାଉଥିଲା। ଏପ୍ରିଲ ୧ରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ପୁନଃ ବର୍ଗୀକୃତ କରାଯାଇଛି। ଏବେ ପୂରା ଦେଶରେ ୩୮ ଜିଲା ମାଓବାଦୀ ପ୍ରବଣ ଜିଲା ଭାବେ ଚିହ୍ନଟ କରାଯାଉଛି। ଏହା ମଧ୍ୟରୁ ଓଡ଼ିଶାର ମାଲକାନଗିରି, କୋରାପୁଟ, କଳାହାଣ୍ଡି, କନ୍ଧମାଳ, ନୟାଗଡ଼, ବଲାଙ୍ଗୀର ଓ ନୂଆପଡ଼ା ଜିଲା ରହିଛି। ଓଡ଼ିଶାରେ ୬୦ରୁ ୭୦ ମାଓବାଦୀ ସକ୍ରିୟ ରହିଛନ୍ତି। ଏମାନଙ୍କ ମଧ୍ୟରୁ ୭ଜଣ ଓଡ଼ିଶା କ୍ୟାଡର ମାଓବାଦୀ ରହିଛନ୍ତି। ତେବେ ଓଡ଼ିଶାରେ କୌଣସି ମାଓବାଦୀ ନେତୃତ୍ୱ ନେଉନାହାନ୍ତି। ଛତିଶଗଡ଼ ଓ ଓଡ଼ିଶାରେ ଆନ୍ଧ୍ରପ୍ରଦେଶ ମାଓବାଦୀ ମୁଖ୍ୟଙ୍କ ନେତୃତ୍ୱରେ କାମ କରୁଛନ୍ତି। ୨୦୨୬ ମାର୍ଚ୍ଚ ସୁଦ୍ଧା ଓଡ଼ିଶା ମାଓବାଦୀ ମୁକ୍ତ ହେବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଲକ୍ଷ୍ୟ ରହିଛି। ଏହି ଲକ୍ଷ୍ୟ ନେଇ ବିଏସ୍ଏଫ୍ ମାଓବାଦୀ ବିରୋଧରେ କାମ କରୁଛି ବୋଲି ଆଇଜି କହିଥିଲେ। ଏହି ଖବରଦାତା ସମ୍ମିଳନୀରେ ଡିଆଇଜି ସଞ୍ଜୀବ କୁମାର ଶର୍ମା, ଧୀରେନ୍ଦ୍ର କୁମାର ପ୍ରମୁଖ ଯୋଗଦେଇଥିଲେ।

OSACS



ବିଶ୍ୱ ଏଡ୍‌ସ ଦିବସ ଉପଲକ୍ଷେ
ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ସଚେତନତା ହେଉଛି ଏଡ୍‌ସ ରୋଗ ନିୟନ୍ତ୍ରଣର ପ୍ରମୁଖ ଅସ୍ତ୍ର । ଏହି ରୋଗ ସମ୍ପର୍କରେ ଗଣ ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ଆଜିର ଦିନଟିକୁ ବିଶ୍ୱ ଏଡ୍‌ସ ଦିବସ ରୂପେ ପାଳନ କରାଯାଏ ।

ଜନସାଧାରଣଙ୍କ ସ୍ୱାସ୍ଥ୍ୟ ଉପରେ ଏକ ବିପଦ ଭାବେ ଉଭା ହେଉଥିବା ଏଡ୍‌ସ ରୋଗକୁ ୨୦୩୦ ସୁଦ୍ଧା ଶୂନ୍ୟ ସଂକ୍ରମଣ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି । ଏଥିପାଇଁ ସଂକ୍ରମିତ ବ୍ୟକ୍ତିଙ୍କ ମାନବିକ ଅଧିକାର ଉପରେ ଗୁରୁତ୍ୱ ଦେବା ଖୁବ୍ ଜରୁରୀ । ସାମାଜିକ ଓ ଆର୍ଥିକ ଦୃଷ୍ଟିରୁ ବଞ୍ଚିତ ଗୋଷ୍ଠୀଙ୍କ ପାଖରେ ସମସ୍ତ ପ୍ରକାର ସୁବିଧା ସୁଯୋଗ ପହଞ୍ଚାଇ ପାରିଲେ ଆମେ ଏହି ରୋଗର ନିୟନ୍ତ୍ରଣରେ ଅଗ୍ରଗତି କରିପାରିବା । ଭେଦଭାବ ଦୂରକରି ସମସ୍ତ ସଂକ୍ରମିତ ବ୍ୟକ୍ତିବିଶେଷଙ୍କ ଅଧିକାରକୁ ସମର୍ଥନ କରୁଥିବା ନିୟମକୁ ପ୍ରୋତ୍ସାହନ ଦେବା ଜରୁରୀ । କେହି ବି ସଂକ୍ରମିତ ବ୍ୟକ୍ତି କିମ୍ବା ସଂକ୍ରମଣର ଆଶଙ୍କା ଥିବା ବ୍ୟକ୍ତି ତାଙ୍କ ଅଧିକାରରୁ ବଞ୍ଚିତ ନ ହୁଅନ୍ତୁ, ସେଥିପାଇଁ ଆଜିର ଦିନରେ ଆମେ ସମସ୍ତେ ଅଧିକ ଯତ୍ନବାନ ହେବା ପାଇଁ ସଂକଳ୍ପ ନେବା ।

ଆସନ୍ତୁ, ବିଶ୍ୱ ଏଡ୍‌ସ ଦିବସ ଉପଲକ୍ଷେ ଉଭୟ ସ୍ୱାସ୍ଥ୍ୟ ଓ ମାନବିକ ଅଧିକାରର ସୁରକ୍ଷା ପାଇଁ ଆମର ପ୍ରତିବଦ୍ଧତାକୁ ନିଶ୍ଚିତ କରିବା ଏବଂ ଭବିଷ୍ୟତରେ ଶୂନ୍ୟ ସଂକ୍ରମଣ ପାଇଁ ପଥ ଉନ୍ମୁକ୍ତ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-10009/13/0017/2425

DSPL - 232

OSACS



ବିଶ୍ୱ ଏଡ୍‌ସ ଦିବସ ଉପଲକ୍ଷେ
ମାନ୍ୟବର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀଙ୍କ ବାର୍ତ୍ତା

ଏଡ୍‌ସର ପ୍ରଭାବକୁ ପ୍ରତିହତ କରିବା ପାଇଁ ଡିସେମ୍ବର ୧ ତାରିଖକୁ ବିଶ୍ୱ ଏଡ୍‌ସ ଦିବସ ଭାବେ ପାଳନ କରାଯାଉଛି । ଏଡ୍‌ସ ନିୟନ୍ତ୍ରଣ କରିବା ସହ ଉଭୟ ସ୍ୱାସ୍ଥ୍ୟ ଓ ମାନବିକ ଅଧିକାର ସୁରକ୍ଷା ପାଇଁ ଆଜିର ଦିନରେ ଶପଥ ନେବା । ନିଜ ସ୍ୱାସ୍ଥ୍ୟ ସମ୍ପର୍କରେ ସଚେତନ ରହିବା, ନିୟମିତ ପରୀକ୍ଷା କରିବା, ସଠିକ ଚିକିତ୍ସା ସୁବିଧା ନେବା ଏବଂ ନିଜ ଅଧିକାରର ସଦୁପଯୋଗ କରିବା । ଏଡ୍‌ସକୁ ପରାସ୍ତ କରିବା ପାଇଁ ଜ୍ଞାନକୌଶଳ ଏବଂ ଉପକରଣର ଉପଲବ୍ଧତା ଥାଇ ମଧ୍ୟ, ଭେଦଭାବ କାରଣରୁ ଏଚ.ଆଇ.ଭି. ସଂକ୍ରମଣ ରୋକିବାରେ ବାଧା ସୃଷ୍ଟି ହେଉଛି । ଏଡ୍‌ସ ନିୟନ୍ତ୍ରଣ ପ୍ରକ୍ରିୟାରେ ଆମେ ସ୍ୱାସ୍ଥ୍ୟସୁବିଧା, ଏଡ୍‌ସ ସଚେତନତା ଅଭିଯାନ ଏବଂ ଚିକିତ୍ସାସୁବିଧା ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରୁଛୁ । ବିଶେଷ କରି ସମସ୍ତେ ନିଜର ଅଧିକାର ସଂପର୍କରେ ଅବଗତ ହେଲେ ଏହି ଅଭିଯାନର ସଫଳ ରୂପାୟନ ହୋଇପାରିବ ।

ଆସନ୍ତୁ, ଏହି ଅଭିଯାନରେ ସାମିଲ ହେବା ଓ ଏଡ୍‌ସ ସଂକ୍ରମଣକୁ ଦୂର କରିବା ।

(ଡ଼.ମୁକେଶ ମହାଲିଙ୍ଗ)
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ,
ସଂସଦୀୟ ବ୍ୟାପାର ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ, ଓଡ଼ିଶା

# ମଲା କୁକୁର ଛୁଆ ଉଠାଇବାକୁ ବି କମିଶନରଙ୍କ ହସ୍ତକ୍ଷେପ ଲୋଡ଼ା

## ବାରମ୍ବାର ଫୋନ ସତ୍ତ୍ୱେ କେହି ଶୁଣିଲେନି

ଭୁବନେଶ୍ୱର, ୩୦।୧୧ (ବନ୍ଦନା ସେଠୀ)

ଦୁର୍ଘଟଣାରେ ଆହତ କୁକୁର ଛୁଆର ଚିକିତ୍ସା କଲେ। ମାତ୍ର ଛୁଆଟି ମରିଯିବା ପରେ ତାକୁ କେଉଁଠାରେ ପୋତିବେ ସେ ନେଇ ହଟହଟା ହୋଇଛନ୍ତି ଜଣେ ସାମାଜିକ କର୍ମୀ। ବିଏମ୍‌ସିର ସାଧାରଣ ଅଭିଯୋଗ ନଂ. ୧୯୨୯ରେ ସକାଳ ୮ଟାରୁ ରାତି ପର୍ଯ୍ୟନ୍ତ ଫୋନ୍ କରିଥିଲେ ମଧ୍ୟ କେହି ଶୁଣି ନ ଥିଲେ। ଏପରିକି ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ମଧ୍ୟ ଏନେଇ ଜଣାଇଥିଲେ ବି କିଛି ସୁଫଳ ମିଳି ନ ଥିଲା। ଦୀର୍ଘ ସମୟ ଧରି ଘର ଭିତରେ କୁକୁର ମୃତ ପଡି ରହିବାରୁ ଦୁର୍ଗନ୍ଧ ହୋଇଥିଲା। ତେଣୁ ସାମାଜିକ କର୍ମୀ ଜଣକ ଶେଷରେ କମିଶନର ରାଜେଶ ପ୍ରଭାକର ପାଟିଲ୍‌ଙ୍କୁ ଅବଗତ କରାଇଥିଲେ। କମିଶନରଙ୍କ ନିର୍ଦ୍ଦେଶକ୍ରମେ ଅଭିଯୋଗର ୧୫ ଘଣ୍ଟା ପରେ ରାତି ୯ଟାରେ ମଲା କୁକୁର ଛୁଆକୁ ବିଏମ୍‌ସି କର୍ମଚାରୀ ଉଠାଇଥିଲେ। ଶନିବାର ପୋଖରୀପୁଟ ଅଞ୍ଚଳରେ ଘଟିଥିବା ଏହି ସ୍ୱର୍ଶକାତର ଘଟଣା ବିଏମ୍‌ସି ଅଧିକାରୀ ଓ କର୍ମଚାରୀଙ୍କ ପ୍ରକୃତ ମୁଖା ଖୋଲି ଦେଇଛି। ଏଭଳି ଏକ ଛୋଟ ଘଟଣାକୁ ବିଏମ୍‌ସି କର୍ମଚାରୀ କିମ୍ବା ବିଭାଗୀୟ ଅଧିକାରୀମାନେ ଗୁରୁତ୍ୱ ନ ଦେବା ଓ ଏଥିପାଇଁ ଖୋଦ୍ କମିଶନରଙ୍କୁ ହସ୍ତକ୍ଷେପ କରିବାକୁ ପଡ଼ିବା ପ୍ରଶ୍ନବାଚୀ ସୃଷ୍ଟି କରିଛି। ସୂଚନାନୁସାରେ, ଶୁକ୍ରବାର ସନ୍ଧ୍ୟାରେ ଗାଡ଼ି ଧକ୍କାରେ କୁକୁରଛୁଆଟି ଗୁରୁତର ଆହତ ହୋଇଥିବା ଦେଖି ସାମାଜିକ କର୍ମୀ ସୁଶାନ୍ତ ସାହୁ ତାହାକୁ ରାସ୍ତାରୁ ଘରକୁ ଉଠାଇ ଆଣି ଚିକିତ୍ସା ଲାଗି ବିଏମ୍‌ସିର ୧୯୨୯କୁ କଲ୍ କରି ଜଣାଇଥିଲେ। କର୍ମଚାରୀ ଆସି କେବଳ ଇଞ୍ଜେକ୍ସନ ଦେଇଥିଲେ ଓ ସକାଳେ ଭେଟେରିନାରି ଡାକ୍ତର ଆସି ବାକି ଚିକିତ୍ସା କରିବେ ବୋଲି କହି ଚାଲିଯାଇଥିଲେ। ଅତି ଗୁରୁତର ଥିବାରୁ ସକାଳ ହେବା ବେଳକୁ କୁକୁର ଛୁଆଟିର ମୃତ୍ୟୁ ହୋଇଯାଇଥିଲା। ଏହାପରେ ସୁଶାନ୍ତ ପୁଣି ୧୯୨୯କୁ ଫୋନ୍ କରି ମୃତଦେହକୁ ନେବା ପାଇଁ କହିଥିଲେ। ମାତ୍ର ସକାଳ ଯାଇ ରାତି ହୋଇଥିଲେ ମଧ୍ୟ ବିଏମ୍‌ସି କର୍ମଚାରୀ ସେଠାକୁ ଯାଇ ନ ଥିଲେ। ବାରମ୍ବାର ଅଭିଯୋଗ ପରେ କଲ୍ ରିସିଭ୍ କରିଥିବା କର୍ମଚାରୀ ଜଣକ ମୃତଦେହ ଉଠାଇବା ପାଇଁ ୨ଦିନ ସମୟ ଲାଗିବ ବୋଲି କହିଥିଲେ। ଏଭଳି ଅଜବ କଥା ଶୁଣି ସୁଶାନ୍ତ ବିଏମ୍‌ସି କମିଶନର ରାଜେଶ ପ୍ରଭାକର ପାଟିଲଙ୍କୁ ଅବଗତ କରିଥିଲେ। ତେବେ ଘଟଣା ସମ୍ପର୍କରେ ବିଏମ୍‌ସିର ବିଭାଗୀୟ ଅଧିକାରୀ ରଞ୍ଜନ କୁମାର ବେହେରାଙ୍କୁ ଆମ ପ୍ରତିନିଧି ପଚାରିଥିଲେ। ତେବେ ସେ ସହର ବାହାରେ ଥିବାରୁ ସିଟି ହେଲ୍‌ଥ ଅଫିସରଙ୍କୁ ଜଣାଇଲେ ବ୍ୟବସ୍ଥା ହୋଇଯିବ ବୋଲି କହି ନିଜ ଦାୟିତ୍ୱ ଖସାଇ ଦେଇଥିଲେ।

### ପୂର୍ବରୁ ବି ଅଣଦେଖା କରିଥିଲେ ବିଏମ୍‌ସି କର୍ମଚାରୀ

**କୁକୁର ପାଇଁ ଶ୍ମଶାନ ନିର୍ମାଣ କେବେ**

ଗତ କିଛିଦିନ ତଳେ ରାସ୍ତାକଡ଼ରେ ଏକ କୁକୁର ମରି ପଡିଥିବା ନେଇ ବିଏମ୍‌ସିକୁ ବାରମ୍ବାର ଅଭିଯୋଗ ହେବା ପରେ ମଧ୍ୟ ତାହାକୁ ଉଠାଯାଇ ନ ଥିଲା। ସେହିପରି ନିକଟରେ ରସୁଲଗଡ଼ରେ ଏକ ପାଗଳ କୁକୁର ସମସ୍ତଙ୍କୁ ଗୋଡାଇ କାମୁଡୁଥିବାବେଳେ ତାକୁ ସେଠାରୁ ନେବା ପାଇଁ ସ୍ଥାନୀୟ ଲୋକେ ବିଏମ୍‌ସିକୁ ଜଣାଇଥିଲେ। ମାତ୍ର ବିଏମ୍‌ସି ଶୁଣି ନ ଥିଲା। କୁକୁରର ଉତ୍ପାତରେ ଅତିଷ୍ଠ ହୋଇ କେତେଜଣ ଲୋକ ତାକୁ ବାଡେଇ ମାରି ଦେଇଥିଲେ। ତେବେ କୁକୁର ପାଇଁ ଶ୍ମଶାନ ନ ଥିବାରୁ ଓ ଉକ୍ତ ମୃତଦେହକୁ ନେବାକୁ ବିଏମ୍‌ସି କର୍ମଚାରୀ ନ ଆସିବାରୁ ଲୋକେ ତାହାକୁ ଫିଙ୍ଗି ଦେଇଥିଲେ। ବିଏମ୍‌ସି ମୃତ କୁକୁରଙ୍କ ପାଇଁ ଏକ ଶ୍ମଶାନ କରିବା ପାଇଁ ଯୋଜନା ରଖିଥିଲେ ମଧ୍ୟ ତାହା ହୋଇ ନ ଥିବାରୁ ସାମାଜିକ କର୍ମୀ ସୁଶାନ୍ତ ସାହୁ ଅସନ୍ତୋଷ ପ୍ରକାଶ କରିଛନ୍ତି।

## 'ଜଗା ତୁ ଯାଦୁଗର'କୁ ମିଳିଲା 'ଇଣ୍ଡିଆନ୍ ମ୍ୟୁଜିକ ଆୱାର୍ଡ'



### କଣ୍ଠଶିଳ୍ପୀ ଅଭିଜିତ ମିଶ୍ର ସମ୍ବର୍ଦ୍ଧିତ

ଭୁବନେଶ୍ୱର,୩୦।୧୧ (ସୁଚିସ୍ମିତା ସାହୁ)

ଜାତୀୟ ସ୍ତରରେ ପୁରସ୍କାର ପାଇଲା ଓଡିଆ ଭଜନ। କୋଟି ଓଡିଆଙ୍କ ମଉଡମଣି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ନେଇ ପ୍ରସ୍ତୁତ ଓଡିଆ ଆଧାତ୍ମିକ ଭଜନ 'ଜଗା ତୁ ଯାଦୁଗର'କୁ ମିଳିଛି ଇଣ୍ଡିଆନ ମ୍ୟୁଜିକ ଆୱାର୍ଡ-୨୦୨୪। ହଙ୍ଗାମା ଆର୍ଟିଷ୍ଟ ଆଲାଉଡ୍ ପକ୍ଷରୁ ମୁମ୍ବାଇରେ ଏହି ସମ୍ମାନ ପ୍ରଦାନ କରାଯାଇଛି। ଗ୍ରାଣ୍ଡ ଫିନାଲେରେ ଏହି ସମ୍ମାନ ଗ୍ରହଣ କରିଛନ୍ତି 'ଜଗା ତୁ ଯାଦୁଗର'ର କଣ୍ଠଶିଳ୍ପୀ ଅଭିଜିତ ମିଶ୍ର। ଜାତୀୟ ସ୍ତରରେ ଓଡିଆ ଭଜନକୁ ସ୍ୱୀକୃତି ମିଳିବା ଓଡିଶା ପାଇଁ ଗର୍ବ ଏବଂ ଗୌରବର ବିଷୟ। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ସମୟରେ ନିର୍ମାଣ ହୋଇଥିବା ଏହି ଭାବଭକ୍ତି ଭରା ଭଜନକୁ ଗୀତିକାର ରାମକୃଷ୍ଣ ବାରିକ ଲେଖିଥିବା ବେଳେ ଏହାର ମ୍ୟୁଜିକ ସହ କଣ୍ଠଦାନ କରିଛନ୍ତି ଅଭିଜିତ। ଏ ସମ୍ମାନ ମହାପ୍ରଭୁଙ୍କର ବୋଲି ଲେଖକ ରାମକୃଷ୍ଣ କହିଛନ୍ତି।

## ପାଇଥିବା ମନିପର୍ସ ପୋଲିସକୁ ଦେଲେ ଯୁବକ

କଟକ ସଦର, ୩୦।୧୧
(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ନାନପୁର ଗ୍ରାମର ଯୁବକ ସରୋଜ କୁମାର ବାରିକ କିଛିଦିନ ତଳେ କଟକ ନୂଆବଜାର ଓଭରବ୍ରିଜ୍ ନିକଟରୁ ଏକ ମନିପର୍ସ ପାଇ ସିଆର୍‌ଆର୍‌ଆଇ ଥାନାରେ ପୋଲିସକୁ ଦେଇଥିଲେ। ଉକ୍ତ ପର୍ସରେ ୭,୦୦୦ ଟଙ୍କା ଓ ଅନ୍ୟାନ୍ୟ ଜରୁରୀ କାଗଜପତ୍ର ଥିଲା। ପରେ ପୋଲିସ ଅନୁସନ୍ଧାନ କରି ଏହି ପର୍ସ ନୂଆବଜାର ଅଞ୍ଚଳର ସୁଶାନ୍ତ କୁମାର ପ୍ରଧାନଙ୍କ ବୋଲି ଜାଣିବାକୁ ପାଇଥିଲା। ଶନିବାର ଉକ୍ତ ପର୍ସକୁ ପୋଲିସ ତାଙ୍କୁ ହସ୍ତାନ୍ତର କରିଛି। ତେବେ ସରୋଜଙ୍କ ଏଭଳି ସଚ୍ଚୋଟତା ପାଇଁ ଶିକ୍ଷାବିତ୍ ବିମଳ କୁମାର ପଣ୍ଡା, ପଣ୍ଡିତ ହୃଦାନନ୍ଦ ହୋତା, ତ୍ରିନାଥ ବେହେରା, ଅଶୋକ ଭୋଇ, କାଳୀକିଙ୍କର ପାଇକ, ପରିବେଶବିତ୍ ଦେବୀପ୍ରସାଦ ପତି, ସମୀର କୁମାର ସେନାପତି, ଜୟନ୍ତ ଦାସ, ସଙ୍ଗଠକ ପୀୟୂଷ ରଞ୍ଜନ ପରିଡ଼ା ପ୍ରମୁଖ ତାଙ୍କୁ ଧନ୍ୟବାଦ ଜଣାଇବା ସହ ସମ୍ବର୍ଦ୍ଧିତ କରିଛନ୍ତି।

## ଶ୍ରୀଜଗନ୍ନାଥ ସଂସ୍କୃତି ବିଶ୍ୱ ମାନବ ଚେତନାର ଅନ୍ତଃସ୍ୱର



ଉତ୍ସବରେ ଅତିଥିଙ୍କ ଗହଣରେ ସମ୍ମାନିତ ୪ ବ୍ୟକ୍ତିତ୍ୱ।

### ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷଣା ପରିଷଦର ବାର୍ଷିକ ଉତ୍ସବ, ପ୍ରତିଭା ସମ୍ମାନ ପ୍ରଦାନ ଉତ୍ସବ

ଭୁବନେଶ୍ୱର,୩୦।୧୧ (ସୌମ୍ୟରଞ୍ଜନ ରାଉତ)

ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷଣା ପରିଷଦର ଏକାଦଶତମ ବାର୍ଷିକ ଉତ୍ସବ ଓ ପ୍ରତିଭା ସମ୍ମାନ ପ୍ରଦାନ ଉତ୍ସବ ବୁଦ୍ଧ ମନ୍ଦିରଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଋଷିକେଶ ଦିବ୍ୟଜୀବନ ସଂଘ ଆଶ୍ରମର ସ୍ୱାମୀଶିବଚିଦାନନ୍ଦସରସ୍ୱତୀଯୋଗଦେଇ କହିଲେ, ବ୍ରହ୍ମତତ୍ତ୍ୱ, ବିଷ୍ଣୁତତ୍ତ୍ୱ, ଶୈବତତ୍ତ୍ୱ ଓ ଦେବୀତତ୍ତ୍ୱର ସମନ୍ୱୟାତ୍ମକ ଦେବତା ହେଉଛନ୍ତି ଏକକ ଦେବତା ଶ୍ରୀଜଗନ୍ନାଥ। ଶ୍ରୀଜଗନ୍ନାଥ ତତ୍ତ୍ୱର ପରିଭାଷା ହେଉଛି 'ରହସ୍ୟ'। ମହାପ୍ରଭୁଙ୍କ ପ୍ରକଟ ଲୀଳାର ରହସ୍ୟକୁ ଦେବ, ଦାନବ, ମୁନିଋଷି ତଥା ତତ୍ତ୍ୱଦର୍ଶୀ ଗବେଷକମାନେ ଭେଦ କରିବାକୁ ଅକ୍ଷମତା ପ୍ରକାଶ କରିଆସୁଛନ୍ତି। ଶ୍ରୀଜଗନ୍ନାଥ ଚେତନାର ଅସ୍ମିତା ମାନବ ଜାତିକୁ ସମତାର ବାର୍ତ୍ତା ଯୁଗେ ଯୁଗେ ଦେଇ ଆସୁଛି। ସେହିପରି ବିଶ୍ୱ ମାନବ ଚେତନାର ଅନ୍ତଃସ୍ୱର ହେଉଛି ଶ୍ରୀଜଗନ୍ନାଥ ଚେତନା ବା ସଂସ୍କୃତି ବୋଲି ସେ କହିଛନ୍ତି। ଏହି ଅବସରରେ ସ୍ୱାମୀ ଶିବଚିଦାନନ୍ଦଙ୍କ ଦ୍ୱାରା ଶ୍ରୀଜଗନ୍ନାଥ ଚେତନାରେ ଶୈବତତ୍ତ୍ୱ, ସର୍ବତତ୍ତ୍ୱମୟ ଶ୍ରୀଜଗନ୍ନାଥ, ଅନୁଚିନ୍ତା ଓ ଜଗନ୍ନାଥ ସଂସ୍କୃତି: ଏକ କାଳଜୟୀ ଚେତନା ଆଦି ୪ ପୁସ୍ତକର ଲୋକାର୍ପଣ କରାଯାଇଥିଲା। ଏଥିସହ ଅଧ୍ୟାପକ ନିତ୍ୟାନନ୍ଦ ସାହୁଙ୍କୁ 'ଦାରୁବ୍ରହ୍ମ ସମ୍ମାନ', ପ୍ରବୀର କୁମାର ପଟ୍ଟନାୟକଙ୍କୁ 'ଶିଳାବ୍ରହ୍ମ ସମ୍ମାନ', ଡ. ଅଲେଖ ଚନ୍ଦ୍ର ପଢିଆରୀଙ୍କୁ 'ଶୂନ୍ୟବ୍ରହ୍ମ ସମ୍ମାନ' ଏବଂ ବିଶ୍ୱର ନାୟକଙ୍କୁ 'ଜ୍ୟୋତିବ୍ରହ୍ମ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଉତ୍ସବର ଦୁଇଟି ପର୍ଯ୍ୟାୟରେ ୨୨ଜଣ ବିଦ୍ୱାନ ଗବେଷକଙ୍କ ଦ୍ୱାରା ଶ୍ରୀଜଗନ୍ନାଥ ଚେତନାରେ ଶକ୍ତିତତ୍ତ୍ୱ ସମ୍ପର୍କିତ ନିବନ୍ଧ ପାଠ କରାଯାଇଥିଲା। ପ୍ରଫେସର ଡ. ଶରତ ଚନ୍ଦ୍ର ରଥ ପ୍ରବନ୍ଧଗୁଡିକର ସମୀକ୍ଷା କରିଥିଲେ। ପରେ ମହାପ୍ରଭୁଙ୍କ ବହୁ ସେବାୟତ ଉପସ୍ଥିତ ରହି ମତ ରଖିଥିଲେ। ପରିଷଦ ସଭାପତି ଡ. ମଥୁରେନ୍ଦ୍ର ପୃଷ୍ଟି, ସାଧାରଣ ସମ୍ପାଦକ ଡ. ଭାସ୍କର ମିଶ୍ର, ଜଗନ୍ନାଥ ସଂସ୍କୃତି ଗବେଷକ ଅସୀତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ମୋ ବସ ଧକ୍କାରେ ଟ୍ରଲି ଚାଳକ ଆହତ

ଭୁବନେଶ୍ୱର,୩୦।୧୧
(ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ଶନିବାର ମୋ ବସ୍ ଧକ୍କାରେ ଜଣେ ଟ୍ରଲି ଚାଳକ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ତାଙ୍କୁ ଆହତ ଅବସ୍ଥାରେ ଉଦ୍ଧାର କରି ହସ୍ପିଟାଲ ନେଇଥିଲେ। ଆହତ ଟ୍ରଲି ଚାଳକଙ୍କ ପରିଚୟ ଜଣାପଡ଼ି ନାହିଁ। ତେବେ ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ମୋ ବସ୍‌ର ଡ୍ରାଇଭରଙ୍କ ବେପରୁଆ ଗାଡ଼ି ଚାଳନା ଯୋଗୁ ବାରମ୍ବାର ଦୁର୍ଘଟଣା ଘଟୁଥିବା ଅଭିଯୋଗ କରି ଡ୍ରାଇଭରଙ୍କୁ ଉତ୍ତ୍ୟକ୍ତ ଲୋକେ ଆକ୍ରମଣ ପାଇଁ ଉଦ୍ୟମ କରିଥିଲେ। ପୋଲିସ ପହଞ୍ଚି ଡ୍ରାଇଭରଙ୍କୁ ଉଦ୍ଧାର କରିବା ସହ ଲୋକଙ୍କୁ ବୁଝାଶୁଝା କରିବାରୁ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଅନ୍ୟପଟେ ପୋଲିସ ମୋ ବସ୍ ଓ ଡ୍ରାଇଭରଙ୍କୁ ଥାନାକୁ ନେଇଥିଲା। ପରେ ଥାନାରେ ଆହତ ଟ୍ରଲି ଚାଳକ ଓ ମୋ ବସର କର୍ମଚାରୀଙ୍କ ମଧ୍ୟରେ ଆପୋସ ସମାଧାନ ହୋଇଥିବା ପୋଲିସ କହିଛି।



## ଅବସର ନେଲେ ବନ୍ୟପ୍ରାଣୀ ପିସିସିଏଫ୍ ସୁଶାନ୍ତ ନନ୍ଦ

### ଅତିରିକ୍ତ ଦାୟିତ୍ୱରେ ପ୍ରେମ କୁମାର ଝା

ଭୁବନେଶ୍ୱର, ୩୦।୧୧ (ବନ୍ଦନା ସେଠୀ)

ବନ୍ୟପ୍ରାଣୀ ପିସିସିଏଫ୍ ସୁଶାନ୍ତ ନନ୍ଦ ଶନିବାର ଅବସର ଗ୍ରହଣ କରିଛନ୍ତି। ତାଙ୍କ ସ୍ଥାନରେ ଜଙ୍ଗଲ ଓ ପରିବେଶ ବିଭାଗ ଏପିସିସିଏଫ୍ ତଥା ନିର୍ଦ୍ଦେଶକ ପ୍ରେମ କୁମାର ଝା ବନ୍ୟପ୍ରାଣୀ ଏବଂ ସିଡବ୍ଲ୍ୟୁଏଲ୍‌ଡବ୍ଲ୍ୟୁ ପିସିସିଏଫ୍ ଭାବେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି। ସୂଚନାଯୋଗ୍ୟ, ଏନେଇ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ନଭେମ୍ବର ୨୭ରେ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ପ୍ରେମ କୁମାର ପିସିସିଏଫ୍ ଭାବେ ଦାୟିତ୍ୱ ନିର୍ବାହ କରିବେ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ରହିଥିଲା।

## ଭାରତୀୟ ସାହିତ୍ୟରେ ଓଡ଼ିଆ ସାହିତ୍ୟର ସ୍ଥିତି ସୁଦୃଢ଼



ଭୁବନେଶ୍ୱର,୩୦।୧୧ (ସୌମ୍ୟରଞ୍ଜନ ରାଉତ)

ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ଆନୁକୂଲ୍ୟରେ ରେଡ୍‌କ୍ରସ ଭବନଠାରେ 'ସାହିତ୍ୟ ମାସିକୀ' ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରଫେସର ଡ. ବସନ୍ତ କୁମାର ପଣ୍ଡା ଯୋଗଦେଇ ଡ. ମମତା ପ୍ରିୟଦର୍ଶିନୀ ସାହୁଙ୍କ ଆଲୋଚନା ପୁସ୍ତକ 'ସାଂପ୍ରତିକ ଓଡ଼ିଆ କବିତା ଏକ ଅନ୍ତରଙ୍ଗ ଆକଳନ'କୁ ପାଠ କରିଥିଲେ। ଦ୍ୱିଭାଷୀ କବି ରାଜୁ ସାମଲ ଯୋଗଦେଇ 'ମୋ ଜୀବନ: ମୋ ସୃଜନ' ପ୍ରସଙ୍ଗରେ ଉଭୟ ଓଡ଼ିଆ ଓ ଇଂଲିଶ ଭାଷାରେ ତାଙ୍କ କବିତା ରଚନା, ପ୍ରବାସ ଅନୁଭୂତି, କବି ଜୀବନର ପ୍ରେରଣା ଓ ସାହିତ୍ୟ ଯାତ୍ରା ସଂପର୍କରେ ଉଦାହରଣ ସହ କହିଥିଲେ। ଅନୁଷ୍ଠାନର ସଭାପତି ସୂର୍ଯ୍ୟ ମିଶ୍ରଙ୍କ ପରିଚାଳନାରେ ତରୁଣ କବି ଆଶିଷ କୁମାର ମିଶ୍ର 'ଏ ମାସର କବି' ଭାବରେ ସ୍ୱରଚିତ କବିତା ପାଠ କରିଥିଲେ। ଓଡ଼ିଆ ସାହିତ୍ୟରେ ନୂଆ ଲେଖକଙ୍କ ପ୍ରବେଶ ଅତ୍ୟନ୍ତ ସ୍ୱାଗତଯୋଗ୍ୟ। ଭାରତୀୟ ସାହିତ୍ୟରେ ଓଡ଼ିଆ ସାହିତ୍ୟର ସ୍ଥିତି ବେଶ୍ ସୁଦୃଢ଼ ବୋଲି ଅତିଥିମାନେ କହିବା ସହ ଏ କ୍ଷେତ୍ରରେ ନୂଆ ଲେଖକଙ୍କ ଭୂମିକାକୁ ପ୍ରଶଂସା କରିଥିଲେ। ଟ୍ରଷ୍ଟର ଉପସଭାପତି ବିଭୂତି ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

## ମହାନଦୀ ବଞ୍ଚାଅ ସଚେତନତା କାର୍ଯ୍ୟକ୍ରମ

ବାରଙ୍ଗ,୩୦।୧୧ (ଲିଙ୍ଗରାଜ ରାଉତ)

ବେଲଗଛିଆ ପଞ୍ଚାୟତ ଅଧୀନ ସରସ୍ୱତୀ ପବ୍ଲିକ ସ୍କୁଲ ପକ୍ଷରୁ ମହାନଦୀ ବଞ୍ଚାଅ ସଚେତନତା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ଛାତ୍ରୀଛାତ୍ରଙ୍କୁ ନେଇ ବେଲଗଛିଆ ଗ୍ରାମ ପଞ୍ଚାୟତ ସମ୍ମୁଖରୁ 'ମହାନଦୀ ବଞ୍ଚାଅ' ଅଭିଯାନ ଆରମ୍ଭ କରାଯାଇଥିଲା। ଏକ ନାଟକ ମାଧ୍ୟମରେ ଲୋକଙ୍କୁ କିପରି ମହାନଦୀର ସୁରକ୍ଷା ଦିଆଯିବ, ପ୍ଲାଷ୍ଟିକ ଅଳିଆ ଆବର୍ଜନା, ବିଭିନ୍ନ କଳ କାରଖାନାରୁ ନିର୍ଗତ ବିଷାକ୍ତ ପାଣି ମହାନଦୀରେ ମିଶି ଅପମିଶ୍ରଣକୁ କିପରି ରୋକା ଯାଇପାରିବ, ସେନେଇ ସାଧାରଣ ଲୋକଙ୍କୁ ଦେଖାଇ ସଚେତନ କରାଯାଇଥିଲା।

## ଡ. ରାୟ ଥିଲେ ଶିକ୍ଷା ଚେତନାର ବଳିଷ୍ଠ ବ୍ୟକ୍ତିତ୍ୱ

ବାଲିଅନ୍ତା,୩୦।୧୧
(ନୀଳମାଧବ ସାହୁ)

ଭୁବନେଶ୍ୱର ମହାନଗର ନିଗମ ୪ନଂ. ୱାର୍ଡ଼ ଅଧୀନ ନହରକଣ୍ଟାସ୍ଥିତ ଶ୍ରୀ ଜୟଦେବ କଲେଜ ପରିସରରେ ବିଶିଷ୍ଟ ଶିକ୍ଷାବିତ୍ ସ୍ୱର୍ଗତ ଡ. ପ୍ରଫୁଲ୍ଲ କୁମାର ଶ୍ରୀଚନ୍ଦନରାୟଙ୍କ ୮୪ତମ ଜୟନ୍ତୀ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଡ. ଶ୍ରୀଚନ୍ଦନରାୟ ସ୍ମୃତି କମିଟି ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ମୁଖ୍ୟବକ୍ତା ରୂପେ ବିକ୍ରମ ପରିଜା ଯୋଗଦେଇ ଡ. ରାୟ ଶିକ୍ଷା ଚେତନାର ବଳିଷ୍ଠ ବ୍ୟକ୍ତିତ୍ୱ ଥିଲେ ବୋଲି କହିଥିଲେ। ସେ ସବୁବେଳେ ଏହି ଅଞ୍ଚଳରେ ଶିକ୍ଷାର ଉନ୍ନତି ପାଇଁ ଚେଷ୍ଟା କରିଥିଲେ। ଅଧ୍ୟକ୍ଷ ଦେବାଶିଷ ଦାସ ଏଥିରେ ଅଧ୍ୟକ୍ଷତା କରିଥିଲେ। କଲେଜର ବହୁ ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ, ଛାତ୍ରୀଛାତ୍ର ଓ ଅବସରପ୍ରାପ୍ତ କର୍ମଚାରୀ ଯୋଗଦେଇ ତାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ସଭାରେ ପୂର୍ବତନ ଅଧ୍ୟାପକ ଶରତ ଚନ୍ଦ୍ର ସାହୁ, ଲକ୍ଷ୍ମୀଧର ବେହେରା, କାମଦେବ ପତି, ଡ. ଉମେଶ ଚନ୍ଦ୍ର ପତି, ପ୍ରଦୀପ୍ତ ଛୋଟରାୟ, ଡ. ମଞ୍ଜୁଶ୍ରୀ ପତି, ବାବାଜୀ କୁମାର, ଜୟରାମ ପାତ୍ର, ପବିତ୍ର ସାହୁ ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ସୁରେନ୍ଦ୍ର କୁମାର ଖୁଣ୍ଟିଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ତୋଷାଳି ଭବନ ଦେଇ ଚଳାଚଳ କରିବ 'ମୋ ବସ୍'

ଭୁବନେଶ୍ୱର, ୩୦।୧୧ (ବନ୍ଦନା ସେଠୀ) – ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତଙ୍କ କାର୍ଯ୍ୟାଳୟ ରହିଥିବା ତୋଷାଳି ଭବନ (ରୁଟ୍-୩୧) ଦେଇ ଏଣିକି 'ମୋ ବସ୍' ଚାଲିବ। ଏହି ରୁଟ୍‌ରେ ମୋ ବସ୍‌ଗୁଡିକ ମାଷ୍ଟରକ୍ୟାଣ୍ଟିନରୁ ବାହାରି ପ୍ରତିଦିନ ସକାଳ ୬ଟା ୩୦ରୁ ଅପରାହ୍ନ ୩ଟା ୫୫ ମଧ୍ୟରେ ପ୍ରାୟ ଅଧଘଣ୍ଟାଏ ଅନ୍ତରରେ ହାଇଟେକ ହସ୍ପିଟାଲ ପର୍ଯ୍ୟନ୍ତ ଯାତାୟାତ କରିବ। ପୂର୍ବରୁ ଏହି ରୁଟ୍‌ରେ କୌଣସି ସାର୍ବଜନୀନ ଯାତ୍ରୀବାହୀ ଯାନ ଚଳାଚଳ କରୁ ନ ଥିବାରୁ ଆୟୁକ୍ତଙ୍କ କାର୍ଯ୍ୟାଳୟକୁ ଆସୁଥିବା ଦିବ୍ୟାଙ୍ଗମାନେ ବହୁତ ହଇରାଣ ହେଉଥିଲା। ଏହାକୁ ଦୃଷ୍ଟିରେ ରଖି ଭିନ୍ନକ୍ଷମ ଆୟୋଗ କ୍ରୁଟ୍ ପରିଚାଳନା ନିର୍ଦ୍ଦେଶକ ଓ ସାଧାରଣ ସମ୍ପାଦକଙ୍କୁ ପତ୍ର ଲେଖି ତୋଷାଳି ଭବନ ଦେଇ 'ମୋ ବସ' ଚଳାଚଳ ପାଇଁ ଅନୁରୋଧ କରିଥିଲେ। ଏବେ ସମ୍ପୃକ୍ତ ରୁଟ୍‌ରେ 'ମୋ ବସ' ଚଳାଚଳ ପାଇଁ କ୍ରୁଟ୍ ସମ୍ପାଦକ ସମ୍ମତି ପ୍ରଦାନ କରିଛନ୍ତି। ଏହି ବସ୍ ସେବା ଉପଲବ୍ଧ ହେବା ଦ୍ୱାରା ତୋଷାଳି ଭବନରେ କାର୍ଯ୍ୟ କରୁଥିବା ଅନ୍ୟାନ୍ୟ କାର୍ଯ୍ୟାଳୟକୁ ଆସୁଥିବା ଅଭିଯୋଗକାରୀ, କର୍ମଚାରୀ ଓ ଜନସାଧାରଣ ଉପକୃତ ହେବେ ବୋଲି ଆଶା କରାଯାଇଛି।

## ଉପଖଣ୍ଡସ୍ତରୀୟ କୃଷି ଓ କୃଷି ଯନ୍ତ୍ରପାତି ମେଳା ଉଦ୍‌ଯାପିତ

ବାଲିଅନ୍ତା,୩୦।୧୧ (ନୀଳମାଧବ ସାହୁ)

ବାଲିଅନ୍ତା ବ୍ଲକର ଭିଙ୍ଗାରପୁରସ୍ଥିତ ଶ୍ରୀବକ୍ରେଶର ହାଇସ୍କୁଲ ଖେଳପଡ଼ିଆରେ ୩ ଦିନ ଧରି ଚାଲିଥିବା ଭୁବନେଶ୍ୱର ଉପଖଣ୍ଡସ୍ତରୀୟ କୃଷି ଓ କୃଷି ଯନ୍ତ୍ରପାତି ମେଳା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। ଉପଖଣ୍ଡ କୃଷି ଅଧିକାରୀ ମନୋରଞ୍ଜନ ରାଉଳ ଏଥିରେ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୃଷି ବିଭାଗର ମୁଖ୍ୟ ଯନ୍ତ୍ରୀ ମୁକ୍ତିକାନ୍ତ ମହାପାତ୍ର, ନିର୍ବାହୀ ଯନ୍ତ୍ରୀ ସୁଧାଂଶୁ ଶେଖର ଦାସ, ପୂର୍ବତନ ଜିଲା ପରିଷଦ ସଭ୍ୟ ଚୌଧୁରି ଦ୍ୱାରିକା ନାଥ ଦାସ, ତପସ ଜେନା, ଅଶୋକ ପଟ୍ଟନାୟକ, ଶିବ ମଲ୍ଲିକ ଓ ନକ୍ଷତ୍ର ମୋହନ ରାଉଳ ପ୍ରମୁଖ ଯୋଗଦେଇଥିଲେ। ବାଲିଅନ୍ତା ବ୍ଲକ କୃଷି ଅଧିକାରୀ ସ୍ଥିତପ୍ରଜ୍ଞ ଖମାରୀ ଧନ୍ୟବାଦ ଦେଇଥିଲେ। ମଞ୍ଚକୁ ବିଟିଏମ୍ ସୁନୀତା ମହାପାତ୍ର ପରିଚାଳନା କରିଥିଲେ। ମେଳାରେ ୪୫ଟି କୃଷି ଯନ୍ତ୍ରପାତି ଓ ଅନ୍ୟାନ୍ୟ ଷ୍ଟଲ ଖୋଲାଯାଇଥିଲା। ପ୍ରତ୍ୟହ ସନ୍ଧ୍ୟାରେ ସ୍ଥାନୀୟ ଅଞ୍ଚଳର କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।



ଉପଖଣ୍ଡସ୍ତରୀୟ କୃଷି ଓ କୃଷି ଯନ୍ତ୍ରପାତି ମେଳାକୁ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ବୁଲି ଦେଖୁଛନ୍ତି।

## ଦୈନନ୍ଦିନ ଜୀବନରେ ଓଡ଼ିଆ ଭାଷାକୁ ଗୁରୁତ୍ୱ ଦେବାକୁ ଆହ୍ୱାନ

### ତିନିଦିନିଆ ଓଡିଆ ଅସ୍ମିତା ଶିବିର ଉଦ୍‌ଘାଟିତ

ଭୁବନେଶ୍ୱର,୩୦।୧୧ (ସୌମ୍ୟରଞ୍ଜନ ରାଉତ)

ଉଚ୍ଚଶିକ୍ଷା ବିଭାଗ ଆନୁକୂଲ୍ୟରେ ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ପକ୍ଷରୁ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟଠାରେ ଆନ୍ତଃବିଶ୍ୱବିଦ୍ୟାଳୟ ଯୁବ ମହୋତ୍ସବ 'ଓଡିଆ ଅସ୍ମିତା ଶିବିର' ଶନିବାର ଆରମ୍ଭ ହୋଇଛି। କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମକୁ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉଦଘାଟନ କରିଥିଲେ। ଓଡିଶାର ସଂସ୍କୃତି, ପରମ୍ପରା , କଳା, ସାହିତ୍ୟ ଓ ସୃଜନଶୀଳତାକୁ ନେଇ ନିଜର ଅସ୍ମିତାକୁ ପ୍ରତିପାଦିତ କରିବା ଆଜିର ଯୁବ ସମାଜ ପାଇଁ ଏକ ଆହ୍ୱାନ। ଦୈନନ୍ଦିନ ଜୀବନରେ ଓଡ଼ିଆ ଭାଷାର ପ୍ରୟୋଗକୁ ଗୁରୁତ୍ୱ ଦେବା ଉଚିତ ବୋଲି ସେ ହିଥିଲେ। ମୁଖ୍ୟ ଅତିଥି ଭାବେ ବିଧାୟକ ଅକାଶ ଦାସନାୟକ ଯୋଗଦେଇ କହିଲେ, ଓଡ଼ିଆ ଜାତିର ମହାନ ଐତିହ୍ୟ ସମ୍ପର୍କରେ ଆଜିର ଯୁବ ସମାଜ ଅଧିକରୁ ଅଧିକ ଜାଣିବା ଉଚିତ। ଆଗାମୀ ଦିନରେ ସାମାଜିକ କର୍ତ୍ତବ୍ୟ ସହ ଆମ ସଂସ୍କୃତିର ସାମୂହିକ ପ୍ରଚାର ଓ ପ୍ରସାର ନିମନ୍ତେ ଆଗଭର ହେବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ରାଜ୍ୟ ଜାତୀୟ ସେବା ଯୋଜନା ଅଧିକାରୀ ଡ. ରମେଶ ଚନ୍ଦ୍ର ବେହେରା ଯୋଗଦେଇ କହିଲେ, ଜାତୀୟ ସେବା ଯୋଜନା ମାଧ୍ୟମରେ ବିଭିନ୍ନ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ନେଇ ଆୟୋଜିତ ଏହି ତିନିଦିନିଆ ଶିବିର ଓଡ଼ିଶାର ସାଂସ୍କୃତିକ ବିଭବ ସହ ଅନ୍ତର୍ନିହିତ ପ୍ରତିଭାକୁ ପ୍ରତିପାଦିତ କରିବା ପାଇଁ ଏକ ପ୍ରକୃଷ୍ଟ ସୁଯୋଗ। ଓଡ଼ିଶା ଜାତୀୟ ସେବା ଯୋଜନାର ଆଞ୍ଚଳିକ ନିର୍ଦ୍ଦେଶିକା ସରିତା ପଟେଲ ଯୁବ ମହୋତ୍ସବର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ।। ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ସଂଗ୍ରାମ କେଶରୀ ଷଡଙ୍ଗୀ, ଯୁବ କଣ୍ଠଶିଳ୍ପୀ ବର୍ଣ୍ଣାଳୀ ହୋତା ଯୁବଶକ୍ତି ଆଗାମୀ ଦିନରେ ସାଂସ୍କୃତିକ କ୍ଷେତ୍ରରେ ନୂଆ ଅଧ୍ୟାୟ ସୃଷ୍ଟି କରିବ ବୋଲି ମତଦେଇଥିଲେ। ଏହି କାର୍ଯ୍ୟକ୍ରମଟି ଡିସେମ୍ବର୨ ପର୍ଯ୍ୟନ୍ତ ଚାଲିବ। ଏହି ଅବସରରେ ବିଶ୍ୱବିଦ୍ୟାଳୟର ସଙ୍ଗୀତ ବିଭାଗ ଛାତ୍ରୀମାନେ ସଙ୍ଗୀତ ପରିବେଷଣ କରିଥିବାବେଳେ ୨୩ ବିଶ୍ୱବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କୁଳସଚିବ ଅନାମିକା ଅଧିକାରୀ ଧନ୍ୟବାଦ ଦେଇଥିଲେ।




କାର୍ଯ୍ୟକ୍ରମରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ଅନ୍ୟ ଅତିଥିମାନେ।

## ସଂକ୍ଷେପରେ

### ଜେସିବି ଚାଳକଙ୍କ ସନ୍ଦେହଜନକ ମୃତ୍ୟୁ

**ବାଣପୁର,୩୦।୧୧(ଦଳୀପ କୁମାର ସ୍ୱାଇଁ):** ଜଣେ ଜେସିବି ଚାଳକଙ୍କ ସନ୍ଦେହଜନକଭାବେ ମୃତ୍ୟୁ ଘଟିଛି। ମୃତକ ହେଲେ ନାରୁଣୀ ଥାନା ଅଧୀନ ଗମ୍ଭାରୀମୁଣ୍ଡା ଗୋପୀନାଥପୁର ଗ୍ରାମର ସାଗର ପ୍ରଧାନ (୩୩)। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଅନ୍ୟପଟେ ଜେସିବି ମାଲିକଙ୍କ ନର୍ଯାତନା ଏବଂ ଅବହେଳାରୁ ସାଗରଙ୍କ ମୃତ୍ୟୁ ଘଟିଛି ବୋଲି ପରିବାର ଲୋକେ ବାଣପୁର ଥାନାରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, ସାଗର କିଛିଦିନ ହେବ ନିକଟ ହଳନ୍ଦା ଗ୍ରାମର ଜଣେ ବ୍ୟକ୍ତିଙ୍କ ନିକଟରେ ଜେସିବି ଚାଳକଭାବେ କାମ କରୁଥିଲେ। କାମ ଅଧିକ ଥିବାରୁ ଗତ ତିନିଦିନ ହେବ ସାଗର ଘରକୁ ଫେରିନଥିଲେ। କାମ ସାରି ସନ୍ଧ୍ୟାରେ ଘରକୁ ଫେରିବେ ବୋଲି ଶୁକ୍ରବାର ମଧ୍ୟାହ୍ନରେ ସାଗର ତାଙ୍କ ସ୍ତ୍ରୀଙ୍କୁ ମୋବାଇଲ ଫୋନ ମାଧ୍ୟମରେ ଜଣାଇଥିଲେ। ତେବେ ସନ୍ଧ୍ୟାରେ ସାଗର ଘରକୁ ନ ଫେରିବାରୁ ତାଙ୍କ ସ୍ତ୍ରୀ ଫୋନ କରିଥିଲେ ମଧ୍ୟ କେହି ଫୋନ ଉଠାଇନଥିଲେ। ପରେ ସାଗରଙ୍କ ଦେହ ଖରାପ ଥିବା ନେଇ ଅନ୍ୟ ଶ୍ରମିକମାନେ ଫୋନରେ ସୂଚନା ଦେଇଥିଲେ। ପରିବାର ଲୋକେ ପହଞ୍ଚି ସାଗରଙ୍କୁ ଗୁରୁତର ଅବସ୍ଥାରେ ବାଣପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ଡାକ୍ତରଙ୍କ ପରାମର୍ଶକ୍ରମେ ସାଗରଙ୍କୁ ଭୁବନେଶ୍ୱର ଏମ୍ସ ମେଡିକାଲକୁ ନେଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ସାଗରଙ୍କ ବଡ଼ବାପା ଭୀମ ପ୍ରଧାନଙ୍କ ଅଭିଯୋଗକ୍ରମେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

### ୧୬ ବର୍ଷରୁ କମ୍ ଓଡ଼ିଶା ଦଳରେ ଖୋର୍ଦ୍ଧାର ପୀୟୂଷ ବଳିୟାରସିଂ

**ଖୋର୍ଦ୍ଧା,୩୦।୧୧(ପ୍ରଭାତ ପାଣିଗ୍ରାହୀ):** ବିଜୟ ମର୍ଚ୍ଚାଣ୍ଟ ଟ୍ରଫି ପାଇଁ ୧୬ ବର୍ଷରୁ କମ ବୟସର ଖେଳାଳି ପାଇଁ ଘୋଷିତ ଦଳରେ ଖୋର୍ଦ୍ଧା ଜିଲାର ପୀୟୂଷ ବଳିୟାରସିଂ



ମନୋନୀତ ହୋଇଛନ୍ତି। ମଧ୍ୟମ ଗତିର ସ୍ୱିଙ୍ଗ ବୋଲର ଏବଂ ନିମ୍ନଭାଗରେ ଜଣେ ଉପଯୋଗୀ ବ୍ୟାଟ୍ସମ୍ୟାନ ଭାବେ ପରିଚିତ ପୀୟୂଷ ବାଲ୍ୟକାଳରୁ କୋଚ କାର୍ତ୍ତିକ ଜେନା ଏବଂ ପରେ ସୌମେନ୍ଦ୍ର ମହାନ୍ତିଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷିତ ହୋଇ ଏହି ସଫଳତା ହାସଲ କରିପାରିଛନ୍ତି। ନିଜିଗଡ ତାପଙ୍ଗର ପ୍ରବୀଣ ବଳିୟାରସିଂ ଓ ସଂଘମିତ୍ରାଙ୍କ ପୁଅ ପୀୟୂଷ ଆନ୍ତଃ ଜିଲା ସ୍କୁଲ କ୍ରିକେଟରେ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ସୁପର ଲିଗ କ୍ରିକେଟରେ ସଫଳତା ପାଇଁ ଓଡ଼ିଶା ଦଳର ପ୍ରତିନିଧି କରିବାର ସୁଯୋଗ ପାଇଥିବାରୁ ଖୋର୍ଦ୍ଧା ଜିଲା କ୍ରିକେଟ ସଂଘର ସଭାପତି ତଥା ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ସଂଘସମ୍ପାଦକ ତଥା ଓସିଏ କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ଚଣ୍ଡିପ୍ରସାଦ ଆଚାର୍ଯ୍ୟ, ଅବ୍ୟକ୍ତ ହରିହର ଖାଡ଼ଙ୍ଗା ପ୍ରମୁଖ ତାଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି। ଆଗାମୀ ଦିନରେ ଖୋର୍ଦ୍ଧା ମିନି ଷ୍ଟାଡିୟମରେ ପିଲାବେଳୁ କ୍ରିକେଟ ଶିଖିବା ପାଇଁ କମ୍ ବୟସ୍କ ପିଲା ଉତ୍ସାହିତ ହେବେ ବୋଲି କ୍ରିକେଟ ସଂଘ ସଭାପତି ସାହୁ କହିଛନ୍ତି।

# ୨୨ ବର୍ଷରେ ଗଲାଣି ୨୮୦ ଜୀବନ

**ଖୋର୍ଦ୍ଧା,୩୦।୧୧(ପ୍ରଭାତ ପାଣିଗ୍ରାହୀ)**

**ଆଜି ବିଶ୍ୱ ଏଡ୍ସ ଦିବସ**

ରବିବାର ବିଶ୍ୱ ଏଡ୍ସ ଦିବସ। ସ୍ୱାସ୍ଥ୍ୟକ୍ଷେତ୍ରରେ ବିଶେଷ ଉନ୍ନତି ହୋଇଥିଲେ ମଧ୍ୟ ଏଡ୍ସ ନିରାକରଣ ଦିଗରେ ଏଯାବତ୍ ଔଷଧ ଆବିଷ୍କାର ହୋଇପାରିନାହିଁ। କେବଳ ସଚେତନତା ଦ୍ୱାରା ଏହି ରୋଗକୁ ରୋକାଯାଇପାରିବ। ସଚେତନତା ଲାଗି ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ସୁଫଳ ମିଳୁନାହିଁ। ଫଳରେ ରୋଗୀଙ୍କ ମୃତ୍ୟୁସଂଖ୍ୟା ଦିନକୁ ଦିନ ବଢ଼ିଚାଲିଛି। ଏଡ୍ସ ସଚେତନତା କେବଳ ସଭା, ଶୋଭାଯାତ୍ରା, ମାରାଥନ୍‌ରେ ସୀମିତ ରହିଛି। ଜିଲା ପ୍ରଶାସନ ଏବଂ ସ୍ୱାସ୍ଥ୍ୟ ବିଭାଗର ଅବହେଳାରୁ ଏଡ୍ସ ରୋଗୀଙ୍କ ମୃତ୍ୟୁହାର ବଢ଼ିଚାଲିଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଖୋର୍ଦ୍ଧା ଜିଲାରେ ଗତ ୨୨ ବର୍ଷରେ ଏଡ୍ସରେ ୨୮୦ ଜଣଙ୍କ ଜୀବନ ଯାଇଥିବା ବିଭାଗ ସୂତ୍ରରୁ ଜଣାପଡ଼ିଛି। ସେଥିରୁ ଜିଲାର ବିଭିନ୍ନ ଅଞ୍ଚଳରୁ ୧୭୦ ଜଣ ରହିଥିବା ବେଳେ ଅନ୍ୟ ଜିଲାରୁ ଆସି ଏଠାରେ ବସବାସ କରୁଥିବା ୧୧୦ ଜଣଙ୍କ ମୃତ୍ୟୁ ଘଟିଛି। ତନ୍ମଧ୍ୟରୁ ଭୁବନେଶ୍ୱରରେ ସର୍ବାଧିକ ୭୫ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଖୋର୍ଦ୍ଧାରେ ୨୨, ବାଣପୁରରେ ୧୫, ବେଗୁନିଆରେ ୧୦, ବୋଲଗଡ଼ରେ ୭, ଚିଲିକାରେ ୪, ଜଟଣୀରେ ୧୮, ଟାଙ୍ଗୀରେ ୧୧, ବାଲିଅନ୍ତାରେ ୫ ଏବଂ ବାଲିପାଟଣାରେ ୩ ଜଣଙ୍କ ଜୀବନ ଯାଇଛି। ମୃତକଙ୍କ ମଧ୍ୟରେ ପୁରୁଷ ସଂଖ୍ୟା ଅଧିକ ରହିଥିବା ଜଣାପଡ଼ିଛି।

୨୦୦୨ରୁ ୨୦୨୨ ଅକ୍ଟୋବର ସୁଦ୍ଧା ୧୩,୪୪,୭୦୮ ଜଣଙ୍କୁ କାଉନ୍‌ସେଲିଂ କରାଯାଇଥିବା ବେଳେ ୧୨, ୭୪, ୫୫୦ ଜଣଙ୍କ ରକ୍ତନମୁନା ପରୀକ୍ଷା କରାଯାଇଛି। ସେଥିରୁ ୩୬୯୫ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେଥିରୁ ପୁରୁଷ ୨୩୯୭, ମହିଳା ୮୯୧, ଶିଶୁ ୧୪୫ ଏବଂ ଅନ୍ୟ ୯୬ ଜଣ ରହିଛନ୍ତି। ୨୪୨ ଜଣଙ୍କ ମୃତ୍ୟୁ ଘଟିଛି। ସେଥିରୁ କେବଳ ଖୋର୍ଦ୍ଧା ଜିଲାରୁ ୧୪୧ ଜଣ ରହିଛନ୍ତି। ଅନ୍ୟ ଜିଲା ଏବଂ ବାହାର ରାଜ୍ୟରୁ ଆସି ଏଠାରେ ସଂକ୍ରମିତ ହୋଇ ମୃତ୍ୟୁବରଣ କରିଥିବା ସଂଖ୍ୟା ୧୦୧। ୨୦୧୮-୧୯ରେ ୧,୧୦,୪୬୫ ଜଣଙ୍କୁ କାଉନସେଲିଂ କରାଯାଇଥିବା ବେଳେ ୧୦୯୮୧ ରକ୍ତ ନମୁନା ପରୀକ୍ଷା କରାଯାଇଛି। ୨୮୪ ପଜିଟିଭ ଚିହ୍ନଟ ହୋଇଥିବା ବେଳେ ୧୮ ଜଣଙ୍କ ମୃତ୍ୟୁ ଘଟିଛି। ୨୦୧୯-୨୦ରେ ୧୧୬୮୯୩ ଜଣଙ୍କୁ କାଉନସେଲିଂ କରାଯାଇଥିବା ବେଳେ ୧୧୫୭୮୫ ରକ୍ତନମୁନା ପରୀକ୍ଷା କରାଯାଇଛି। ୨୮୮ ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ୯ ଜଣଙ୍କ ମୃତ୍ୟୁ ଘଟିଛି। ୨୦୨୦-୨୧ରେ ୧୦୦୫୩୭ ଜଣଙ୍କୁ କାଉନସେଲିଂ କରାଯାଇଥିବା ବେଳେ ୯୯୯୭୭ ରକ୍ତନମୁନା ପରୀକ୍ଷା କରାଯାଇଛି। ୨୦୬ ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ୧୧ଜଣଙ୍କ ମୃତ୍ୟୁ ଘଟିଛି। ୨୦୨୧-୨୨ରେ ୧୩୮୪୦୬ ଜଣଙ୍କୁ କାଉନସେଲିଂ କରାଯାଇଥିବା ବେଳେ ୧୩୭୮୯୭ ରକ୍ତନମୁନା ପରୀକ୍ଷା କରାଯାଇଛି। ୨୩୯ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୧୮ ଜଣଙ୍କ ମୃତ୍ୟୁ ଘଟିଛି। ୨୦୨୨-୨୩(ଅକ୍ଟୋବର ପର୍ଯ୍ୟନ୍ତ)ରେ ୯୬୭୦୭ ଜଣଙ୍କୁ କାଉନସେଲିଂ କରାଯାଇଥିବା ବେଳେ ୯୬୬୭୯ ରକ୍ତନମୁନା ପରୀକ୍ଷା କରାଯାଇଛି। ୨୪୦ ପଜିଟିଭ ଚିହ୍ନଟ ହୋଇଥିବା ବେଳେ ୧୩ଜଣଙ୍କ ମୃତ୍ୟୁ ଘଟିଛି। ଏନେଇ ସିଡିଏମ୍‌ଓ ଜୀବନ୍ତ ଆଚାର୍ଯ୍ୟ କହିଛନ୍ତି, ଅସୁରକ୍ଷିତ ଯୌନସମ୍ପର୍କ, ସଂକ୍ରମିତ ରକ୍ତ, ସଂକ୍ରମିତ ମା'ଠାରୁ କ୍ଷୀର ଖାଉଥିବା ଛୁଆକୁ ଏବଂ ସଂକ୍ରମିତ ଛୁଞ୍ଚି ଦ୍ୱାରା ଏହି ରୋଗ ହୋଇଥାଏ। କେବଳ ସଚେତନତା ଦ୍ୱାରା ଏହି ରୋଗକୁ ରୋକାଯାଇପାରିବ।



ଖୋର୍ଦ୍ଧା ବିଜେବି ହାଇସ୍କୁଲ ପରିସରରେ ଶନିବାର ଶହୀଦ ରଘୁ-ଦିବାକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଅତିଥି ଏବଂ ଛାତ୍ରୀଛାତ୍ର।

### ବିଜେବି ହାଇସ୍କୁଲରେ ଶହୀଦ ଦିବାକରଙ୍କ ଜୟନ୍ତୀ

**ଖୋର୍ଦ୍ଧା,୩୦।୧୧(ପ୍ରଭାତ ପାଣିଗ୍ରାହୀ)**

ବକ୍ସି ଜଗବନ୍ଧୁ ବିଦ୍ୟାଧର(ବିଜେବି) ହାଇସ୍କୁଲର ୧୯୨୬ ମସିହାର ଛାତ୍ର ତଥା ଶହୀଦ ଦିବାକର ପରିଡ଼ାଙ୍କ ୧୧୪ତମ ଜୟନ୍ତୀ ଉତ୍ସବ ସ୍କୁଲ ପରିସରରେ ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ଥିବା ଶହୀଦ ରଘୁ-ଦିବାକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଶିକ୍ଷାବିତ୍ ସତ୍ୟବାଦୀ ବଳିୟାରସିଂହ ଶହୀଦ ଦିବାକରଙ୍କ ସଂଗ୍ରାମୀ ଭୂମିକା ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଧାନ ଶିକ୍ଷକ ପ୍ରଭାକର ସାହୁ, ଆଇନଜୀବୀ ଶିବସୁନ୍ଦର ପଟ୍ଟନାୟକ, କୃଷ୍ଣଚନ୍ଦ୍ର ହରିଚନ୍ଦନ, ସ୍ତମ୍ଭକାର ସମରେନ୍ଦ୍ର ବଳିୟାରସିଂହ, ଶିକ୍ଷକ ବିଭୁପ୍ରସାଦ ସେନାପତି, ନରୋତ୍ତମ ମାହାନ୍ତା ଓ ବିମଳ ଷଡ଼ଙ୍ଗୀ, ଇତିଶ୍ରୀ ସାହୁ, ଶିକ୍ଷକ ବିଭୁପ୍ରସାଦ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ସରିଲା ଶ୍ରୀଜଗନ୍ନାଥ ମହୋତ୍ସବ



ଶ୍ରୀଜଗନ୍ନାଥ ମହୋତ୍ସବର ଉଦ୍‌ଯାପନୀ ଦିବସରେ ମଞ୍ଚାସୀନ ଅତିଥି।

**ଟାଙ୍ଗୀ/ନିରାକାରପୁର,୩୦।୧୧ (ରଘୁନାଥ ସାହୁ/ମାନସ ଚନ୍ଦ୍ର ପଟ୍ଟନାୟକ)**

ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଭୂଷଣ୍ଡପୁର ଦୋଳ ପଡ଼ିଆଠାରେ ଅନୁଷ୍ଠିତ ଶ୍ରୀଜଗନ୍ନାଥ ମହୋତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଅନ୍ତିମ ସନ୍ଧ୍ୟାରେ ଅତିଥିଭାବେ ପାରିକୁଦ ରାଜା ସନ୍ତୋଷ ସିଂ ଭ୍ରମରବର ରାୟ ମର୍ଦ୍ଦରାଜ, ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ଟାଙ୍ଗୀ ବ୍ଲକ ଅଧ୍ୟକ୍ଷା ରିମ୍ପା ମାନ୍ଧାତା, ପୂର୍ବତନ ବିଧାୟକ ଦିଲୀପ ଶ୍ରୀଚନ୍ଦନ, ବିଜେଡି ନେତା ମନ୍ମଥ କୁମାର ରାଉତରାୟ, ପୂର୍ବତନ ଜଲାପରିଷଦ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ର, ସାମାଜସେବୀ ସଞ୍ଜୟ କୁମାର ପଟ୍ଟନାୟକ, ଜିଲା ପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ଜିଲାପରିଷଦ ସଭ୍ୟ ବିଜୟ କୁମାର ପାଲଟାସିଂ, ବିଜୟ କୁମାର ଜେନା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଆୟୋଜିତ ଓଡ଼ିଶୀ ନୃତ୍ୟ ଉପସ୍ଥିତ ଦର୍ଶକଙ୍କୁ ବିମୋହିତ କରିଥିଲା। ସେହିପରି ଶ୍ରୀଜଗନ୍ନାଥଙ୍କ ପୌରାଣିକ ତଥ୍ୟ ସମ୍ବଳିତ ପ୍ରବଚନ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ସ୍ଥାନୀୟ ଅଞ୍ଚଳର ଲୋକଙ୍କ ଭିଡ଼ ଜମିଥିଲା। ସରପଞ୍ଚ ସୌରଭ ଦାସ ମହାପାତ୍ର, ବିଜୟ ବାବା, ସନ୍ତାପ ପାତ୍ର, ବିରଞ୍ଚି ନାରାୟଣ ପ୍ରଧାନ, ରବୀନ୍ଦ୍ର କୁମାର ସାମନ୍ତରାୟ, ରଥଯାତ୍ରା କମିଟି ସଭାପତି ହୁଲାସ ବେହେରାଙ୍କ ସମେତ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ପୋକ୍ସୋ ଆଇନ ସଚେତନତା ଶିବିର

**ବାଣପୁର,୩୦।୧୧(ଦିଲୀପ କୁମାର ସ୍ୱାଇଁ)**

ବାଣପୁର ତାଲୁକ ଆଇନ ସେବା ସମିତି ପକ୍ଷରୁ ଅଦାଲତ ପରିସରରେ ପୋକ୍ସୋ ଆଇନ, କିଶୋର ନ୍ୟାୟ ଯତ୍ନ ଓ ସୁରକ୍ଷା ଅଧିନିୟମ ଏବଂ ଉକ୍ତ ଆଇନ ଅଧୀନ ମହିଳା ପୀଡ଼ିତା ଓ ଶିଶୁଙ୍କ ନିମନ୍ତେ କ୍ଷତିପୂରଣ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ତାଲୁକ ଆଇନ ସେବା ସମିତି ଅଧ୍ୟକ୍ଷ ତଥା ବରିଷ୍ଠ ଦେୱାନୀ ବିଚାରପତି ଅମରେଶ ମହାପାତ୍ର ଅଧ୍ୟକ୍ଷତା କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ସ୍ନାତକୀ ଦାସ, ବାଣପୁର ଓକିଲ ସଂଘ ସମ୍ପାଦକ ରଞ୍ଜନ କୁମାର ବେଦମତ୍ତା, ପୂର୍ବତନ ସମ୍ପାଦକ ଜଗନ୍ନାଥ ଭୋଳ, ସୁଧୀର ପ୍ରଧାନ,ସରକାରୀ ଆଇନଜୀବୀ ଜଳଧର ପ୍ରଧାନଙ୍କ ସମେତ ବିପ୍ଲବ କୁମାର ମୁଦୁଲି, ସୁନୀଲ ମହାପାତ୍ର, ବିନୋଦ ସ୍ୱାଇଁ, କାମେଶ୍ୱର ଆଚାରୀ, ଶାନ୍ତନୁ ମହାପାତ୍ର ପ୍ରମୁଖ ଆଇନଜୀବୀମାନେ ଯୋଗ ଦେଇଥିଲେ। ଶିଶୁମାନଙ୍କ ବିରୋଧ ସତ୍ତ୍ୱେ ହେଉଥିବା ଯୌନ ନିର୍ଯାତନା, ହିଂସା ଏବଂ ଯୌନ ଉଦ୍ଦୀପକ (ପର୍ନଗ୍ରାଫି) ପ୍ରକାଶନ, ବିତରଣ ଏବଂ ତାହାକୁ ନିଜ ପାଖରେ ରଖିବା ଅପରାଧ ବୋଲି କହିଥିଲେ। ଶିଶୁଙ୍କ ବିରୋଧରେ ହେଉଥିବା ହିଂସାକୁ ଲୁଚାଇ ରଖିବା ଏବଂ ଶିଶୁଙ୍କର ପରିଚୟ ପ୍ରକାଶ କରିବା ମଧ୍ୟ ଆଇନ ଅନୁଯାୟୀ ଦଣ୍ଡନୀୟ ଅପରାଧ। ତତ୍‌ସହିତ ପୀଡ଼ିତଙ୍କ ନିମନ୍ତେ ଉକ୍ତ ଆଇନ ଅନ୍ତର୍ଗତ କ୍ଷତିପୂରଣ ବ୍ୟବସ୍ଥା ସମ୍ପର୍କରେ ମଧ୍ୟ ବିଚାରପତି ମହାପାତ୍ର ଆଲୋଚନା କରିଥିଲେ। ଅଧାରୁ ପାଠ ଛାଡୁଥିବା ପିଲାଙ୍କୁ ପୁଣିଥରେ ବିଦ୍ୟାଳୟକୁ ଫେରାଇ ଆଣିବା ସମସ୍ତ ସଚେତନ ନାଗରିକଙ୍କ ଦାୟିତ୍ୱ ବୋଲି ମତପ୍ରକାଶ ପାଇଥିଲା।

# ବ୍ଲକ୍‌ସ୍ତରୀୟ ଶିଶୁ ଉତ୍ସବ ଉଦ୍‌ଯାପିତ

**ନିରାକାରପୁର,୩୦।୧୧(ମାନସ ଚନ୍ଦ୍ର ପଟ୍ଟନାୟକ)**

ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ଟାଙ୍ଗୀ ବ୍ଲକ ଆନୁକୂଲ୍ୟରେ ବ୍ଲକସ୍ତରୀୟ ଦିନିକିଆ ଶିଶୁ ଉତ୍ସବ-୨୦୨୪ ଛଣଗିରି ପଞ୍ଚାୟତ ଅଧୀନ ରାମଚନ୍ଦ୍ର ବିଦ୍ୟାନିକେତନ ରମାବିଲିଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଷ୍ଟାର ଟାଙ୍ଗୀ ବ୍ଲକ ସମ୍ପାଦକ ଅଜୟ କୁମାର ପରିଡ଼ା ପୌରୋହିତ୍ୟ କରିଥିଲେ। ଉଦ୍‌ଘାଟନୀରେ ଅତିଥିଭାବେ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ର, ଟାଙ୍ଗୀ ବ୍ଲକ ଖବରଦାତା ସଂଘ ସଭାପତି ପଦ୍ମନାଭ ବିଶ୍ୱାଳ, ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ରବୀନ୍ଦ୍ର କୁମାର ସାହୁ, ବ୍ଲକ ଅଧ୍ୟକ୍ଷା ରିମ୍ପା ମାନ୍ଧାତା, ଓଷ୍ଟାର ରାଜ୍ୟ ସମ୍ପାଦକ ରମାକାନ୍ତ ମହାପାତ୍ର, ଛଣଗିରି ଷ୍ଟେଟ୍‌ବ୍ୟାଙ୍କ ମ୍ୟାନେଜର ପ୍ରଫୁଲ୍ଲ କୁମାର ଶିଆଳ, ଖୋର୍ଦ୍ଧା ବ୍ଲକ ଓଷ୍ଟା ସମ୍ପାଦକ ଶରତ କୁମାର ରାଉତ, ଆଞ୍ଚଳିକ ସାଧନକେନ୍ଦ୍ର ସମ୍ପାଦକ ପ୍ରଶାନ୍ତ କୁମାର ମହାପାତ୍ର, ଦେବରାଜ ଚହଟରାୟ, ପ୍ରଧାନଶିକ୍ଷକ ଟୁଲୁ ମାଝୀ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଅନୁରୂପଭାବେ ଉଦ୍‌ଯାପନୀରେ ଖୋର୍ଦ୍ଧା ଜିଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନ୍‌ସିଂ, ପୂର୍ବତନ ବିଧାୟକ ଡ. ଦିଲୀପ ଶ୍ରୀଚନ୍ଦନ, ସାମାଜିକ କର୍ମୀ ଡ. ସଞ୍ଜୟ କୁମାର ପଟ୍ଟନାୟକ, ଓଷ୍ଟାର ଜିଲା ସଭାପତି ଅମ୍ବିକା ପ୍ରସାଦ ପଟ୍ଟନାୟକ, ଛଣଗିରି ସରପଞ୍ଚ ପୂର୍ଣ୍ଣିମା ମହାପାତ୍ର, ସଦାଶିବ ବେହେରା, ସୁରେନ୍ଦ୍ର ରାଉତ ପ୍ରମୁଖ ଯୋଗଦେଇ ଉକ୍ତ ଦିବସ ପାଳନ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ସୁପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମକୁ ବେଗୁନିଆ ବ୍ଲକ ଓଷ୍ଟା ସମ୍ପାଦକ ରତିକାନ୍ତ କହଲସିଂ ପରିଚାଳନା କରିଥିଲେ। ଶେଷରେ ଅନୁଷ୍ଠାନର ଆବାହକ ତଥା ରାମଚନ୍ଦ୍ର ବିଦ୍ୟାନିକେତନର ପ୍ରଧାନଶିକ୍ଷକ ବଳରାମ ପାଇକରାୟ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ କରାଯିବା ସହ ଆଦର୍ଶ ଶିକ୍ଷକମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା।





ବ୍ଲକସ୍ତରୀୟ ଶିଶୁ ଉତ୍ସବରେ ମଞ୍ଚାସୀନ ଅତିଥି ଏବଂ ଅନ୍ୟମାନେ।

### ଆଞ୍ଚଳିକ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ପ୍ରସ୍ତୁତି ବୈଠକ

**ବୋଲଗଡ଼,୩୦।୧୧(ଦେବବ୍ରତ ହୋତା)**

ବୋଲଗଡ଼ ବ୍ଲକ ଗୋପାଳପୁର ପଞ୍ଚାୟତ ଅନ୍ତର୍ଗତ ଜାମୁସହି, ତୁଳସୀବେରେଣା, ନୁଆପଲ୍ଲୀ, ଦେଉଳି, ଦକ୍ଷିଣ ପାରିକ୍ଷେତା ଗ୍ରାମର ଯୁବଗୋଷ୍ଠୀ ଏବଂ ସାମାଜିକ କର୍ମୀଙ୍କୁ ନେଇ ଆଞ୍ଚଳିକ କପ୍-୨୦୨୫ ଫୁଟ୍‌ବଲ ଟୁର୍ନାମେଣ୍ଟ ପାଇଁ ଏକ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟ୨୦୨୫ ଜାନୁଆରୀ ୨୩ରୁ ଆରମ୍ଭ ହୋଇ ୩୦ତାରିଖରେ ଶେଷ ହେବ। ଟୁର୍ନାମେଣ୍ଟରେ ବିଭନ୍ନ ରାଜ୍ୟରୁ ୧୦ଟି ଟିମ୍ ଅଂଶଗ୍ରହଣ କରିବା ପାଇଁ ଆମନ୍ତ୍ରଣ କରାଯିବାକୁ ସ୍ଥିର ହୋଇଥିବା ବେଳେ ଦୁଇଟି ମହିଳା ଟିମ୍ ପ୍ରଦର୍ଶନୀ ମ୍ୟାଚ ଖେଳିବାକୁ ସାମିଲ କରାଯିବ। ଏହି ଟୁର୍ନାମେଣ୍ଟ ତୁଳସୀବେରେଣା ଫୁଟବଲ ଖେଳପଡିଆରେ ଖେଳାଯିବ। ବୈଠକରେ ଇସାକ ଖାଁ, ଫିଦା ହୁସେନ ଖାଁ, ରଜନୀକାନ୍ତ ଶ୍ରୀଚନ୍ଦନ, ସମସୁର ଖାଁ, ଅଜୟ କୁମାର ସାହୁ, ଅହେମଦ ଖାଁ, ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ, ଆଲହର ଖାଁଙ୍କ ସମେତ ୨୦ରୁ ଉର୍ଦ୍ଧ୍ୱ କମିଟି ସଦସ୍ୟ ଉପସ୍ଥିତ ଥିଲେ।

## ମାତାପିତା, ଶିକ୍ଷକ ସଂଘ ବୈଠକ



ବୈଠକରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

**ଟାଙ୍ଗୀ,୩୦।୧୧(ରଘୁନାଥ ସାହୁ)**

ଟାଙ୍ଗୀ ବ୍ଲକ ଅନ୍ତର୍ଗତ ସୁନ୍ଦରପୁର କଲୋନୀ ପ୍ରାଥମିକ ବିଦ୍ୟାଳୟରେ ମାତାପିତା ଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଲଳିତ ନାରାୟଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସୁନ୍ଦରପୁର ସରପଞ୍ଚ ସୁଜିତ କୁମାର ହାଲ୍‌ଦାର, ସିଆର୍‌ସିସି ସତ୍ୟନାରାୟଣ ପ୍ରଧାନ, ପରିଚାଳନା କମିଟି ଉପସଭାନେତ୍ରୀ ସୋନାଲି ମଣ୍ଡଳ, ସଦସ୍ୟା ରିତୁ ମଣ୍ଡଳ ପ୍ରମୁଖ ଅତିଥିଭାବେ ଯୋଗଦେଇ ଶିଶୁମାନଙ୍କ ପାଇଁ ଉପଲବ୍ଧ ବିଭିନ୍ନ ସରକାରୀ ଯୋଜନା ପହଞ୍ଚୁପାରୁଛି କି ନାହିଁ, ବିଦ୍ୟାଳୟକୁ ଶିଶୁମାନେ ନିୟମିତ ଆସୁଛନ୍ତି କି ନାହିଁ, ଶିଶୁମାନଙ୍କର ଅପାର୍ ଆଇଡି ଫର୍ମପୂରଣ, ଘରେ ଉତ୍ତମ ପରିବେଶ ରହୁଛି କି ନାହିଁ, ଶିଶୁଙ୍କର ବ୍ୟବହାରିକ ଜ୍ଞାନ ଆଦି ବିଷୟରେ ଆଲୋଚନା କରିଥିଲେ। ଶିକ୍ଷୟିତ୍ରୀ ସ୍ୱାଗତିକା ରାଜ ପରିଚୟ ପ୍ରଦାନ କରିଥିଲେ। ରୂପାଲି ପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ବାଇଧର ବେହେରା ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରେଣୁବାଳା ସର୍ଦ୍ଦାର, କାଞ୍ଚନ ଗାଇନି, ଶକୁନ୍ତଳା ବେହେରା, ଯମୁନା କବିରାଜ, ସନ୍ତୋଷ ସର୍ଦ୍ଦାର, ପୂର୍ଣ୍ଣିମା ମଣ୍ଡଳ, ସାବିତ୍ରୀ ବିଶ୍ୱାସ, ବୀଣାପାଣି ମଣ୍ଡଳ, ମିଲି ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ।

## ୧୧୫୦ ଲିଟର ପୋଚ ନଷ୍ଟ, ଦେଶୀମଦ ଜବତ

**ବେଗୁନିଆ,୩୦।୧୧(ସନ୍ଧ୍ୟାରାଣୀ ମିଶ୍ର)**

ଖୋର୍ଦ୍ଧା ଜିଲା ଅବକାରୀ ବିଭାଗ ଅଧୀକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ଭ୍ରାମ୍ୟମାଣ ଅବକାରୀ ବିଭାଗ ଓ ବେଗୁନିଆ ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୧୧୫୦ ଲିଟର ପୋଚ ନଷ୍ଟ କରାଯିବା ସହ ୬୬ ଲିଟର ଦେଶୀମଦ ଜବତ କରାଯାଇଛି। ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ବେଗୁନିଆ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ରାଜେନ୍ଦ୍ର କୁମାର ଖେସ୍‌ଙ୍କ ସୂଚନା ଅନୁଯାୟୀ, ମୁଗମଣ୍ଡା ଗ୍ରାମର ସୁରେଶ ସାମନ୍ତରାୟଙ୍କ ଠାରୁ ୭ ଲିଟର, ଗୌଡିଆପଡ଼ା ଗ୍ରାମର ଶ୍ରୀନିବାସ ମାନସିଂହଙ୍କଠାରୁ ୪୦ ଲିଟର ଦେଶୀମଦ ସହ ୧୧୫୦ ଲିଟର ପୋଚ, ହୀରାପୁର ଗ୍ରାମର ବସନ୍ତ କୁମାର ବେହେରାଙ୍କ ନିକଟରୁ ୯ ଲିଟର ଦେଶୀମଦ ସହ ଆବଶ୍ୟକ ସରଞ୍ଜାମ ଜବତ କରାଯାଇଛି। ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଅନ୍ୟପକ୍ଷରେ ଚଟୁଆ ଗ୍ରାମରୁ ୧୦ ଲିଟର ଦେଶୀମଦ ଜବତ ହୋଇଥିବା ବେଳେ ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ।



ଜବତ ଦେଶୀ ମଦ ଏବଂ ସାମଗ୍ରୀ।

**ଲୋକନାଥ ଦେବ କ୍ରିକେଟ ଟୁର୍ନାମେଣ୍ଟ**

## ବାଙ୍କୁଆଳ, ବାଙ୍କୀ ବିଜୟୀ

**ଖୋର୍ଦ୍ଧା,୩୦।୧୧(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଉପକଣ୍ଠ କୁମାରବସ୍ତ ରାଇଜିଂଷ୍ଟାର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଲୋକନାଥ ଦେବ କ୍ରିକେଟ ଟୁର୍ନାମେଣ୍ଟର ୭ମ ଦିବସରେ ବାଙ୍କୁଆଳ ଏବଂ ବାଙ୍କୀ ଟିମ୍ ବିଜୟୀ ହୋଇଛି। ଶନିବାର ପ୍ରଥମ ମ୍ୟାଚ୍ ବାଙ୍କୁଆଳ ଏବଂ କାଇପଦର ଟିମ୍ ମଧ୍ୟରେ ହୋଇଥିଲା। ବାଙ୍କୁଆଳ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୮୮ ରନ ସଂଗ୍ରହ କରିଥିଲା। ଜବାବରେ କାଇପଦର ଟିମ୍ ୧୭୭ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍ ବାଙ୍କୀ ଏବଂ ରଣପୁର ଟିମ୍ ମଧ୍ୟରେ ହୋଇଥିଲା। ବାଙ୍କୀ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୬ ଓଭରରେ ୪ ଉଇକେଟ ବିନିମୟରେ ୧୮୯ ରନ ସଂଗ୍ରହ କରିଥିଲା। ଜବାବରେ ରଣପୁର ଟିମ୍ ୧୪ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୦୯ ରନ ସଂଗ୍ରହ କରି ପରାଜିତ ହୋଇଥିଲା।



ଅତିଥିଙ୍କଠାରୁ ଖେଳାଳି ପୁରସ୍କାର ଗ୍ରହଣ କରୁଛନ୍ତି।

ଅତିଥି ସଞ୍ଜୟ ପାଇକରାୟ ପ୍ରଥମ ମ୍ୟାଚର ଶ୍ରେଷ୍ଠ ଖେଳାଳିଭାବେ ଦିଲୀପ ମହାରଣାଙ୍କୁ ପୁରସ୍କାର ପ୍ରଦାନ କରିଥିବା ବେଳେ ଦ୍ୱିତୀୟ ମ୍ୟାଚରେ ଅତିଥି ଲକ୍ଷ୍ମୀଧର ଛୋଟରାୟ ଶ୍ରେଷ୍ଠ ଖେଳାଳିଭାବେ ବାବୁଲା ଦଳେଇଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଛବି ନାରାୟଣ ସାହୁ, ସାନୁଜ ବିଶ୍ୱାଳ ଏବଂ ଅମିୟ ପ୍ରଧାନ ମ୍ୟାଚ୍ ପରିଚାଳନା କରିଥିଲେ। କାଜଲ ବଳିୟାରସିଂ ଏବଂ ଆଶୁତୋଷ ପରିଡ଼ା ମ୍ୟାଚ ରେଫରି, ସ୍କୋରରଭାବେ ରଞ୍ଜନ ବରାଳ, ଶିବଦତ୍ତ ବଡ଼ଜେନା ଓ ଜନ୍ମେଜୟ ଛୋଟରାୟ ଦାୟିତ୍ୱ ତୁଲାଇଥିଲେ। ସଂଯୋଜକଭାବେ ଶ୍ରଧାକର ପାତ୍ର ଏବଂ ଅବ୍ୟକ୍ତ ହରିହର ଖାଡଙ୍ଗା ଦାୟିତ୍ୱ ତୁଲାଇଥିଲେ। ରବିବାର ପ୍ରଥମ ମ୍ୟାଚ ଯଦୁପୁର-ଗୁରୁଜଙ୍ଗ ଏବଂ ଦ୍ୱିତୀୟ ମ୍ୟାଚ ମେଣ୍ଢାଶାଳ-ଢେଙ୍କାନାଳ ମଧ୍ୟରେ ହେବ ବୋଲି ଦୁର୍ଯ୍ୟୋଧନ ପରିଡ଼ା କହିଛନ୍ତି।

## ୧୧ରୁ ଜାତୀୟ ମହିଳା ଫୁଟ୍‌ବଲ ଟୁର୍ନାମେଣ୍ଟ

**ଟାଙ୍ଗୀ, ୩୦।୧୧(ରଘୁନାଥ ସାହୁ)**

ଟାଙ୍ଗୀ ଚିଲିକା ଷ୍ଟାଡିୟମରେ ଡିସେମ୍ବର ୧୧ରୁ ୧୭ ପର୍ଯ୍ୟନ୍ତ ଜାତୀୟ ମହିଳା ଫୁଟ୍‌ବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଏହା ଦେବୀ ଦୁର୍ଗା ଚାରିଟେବଲ ଟ୍ରଷ୍ଟ ଆନୁକୂଲ୍ୟରେ ଅନୁଷ୍ଠିତ ହେବ ବୋଲି ଟୁର୍ନାମେଣ୍ଟ କମିଟି ସଭାପତି ତପନ କୁମାର ମହାନ୍ତି ସ୍ଥାନୀୟ ଦୁର୍ଗାମଣ୍ଡପଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ଟୁର୍ନାମେଣ୍ଟରେ ବିହାର, ଝାଡ଼ଖଣ୍ଡ, ଛତିଶଗଡ଼, କୋଲକାତା ଏବଂ ଓଡ଼ିଶାର କଟକ, ଭୁବନେଶ୍ୱର ସମେତ ୪ଟି ଟିମ୍ ଅଂଶଗ୍ରହଣ କରିବେ। ଏହି ଖବରଦାତା ସମ୍ମିଳନୀରେ ଫାଉଣ୍ଡର ମେମ୍ବର ପ୍ରଦୀପ କୁମାର ମହାପାତ୍ର, ଆଡ୍‌ଭୋକେଟ ବିଶ୍ୱଜିତ ରାଉତରାୟ, ନିରଞ୍ଜନ ନାୟକ, ବ୍ରଜବନ୍ଧୁ ଦାସ, ଟାଙ୍ଗୀ ପୂର୍ବତନ ସରପଞ୍ଚ ସୁରେନ୍ଦ୍ର କୁମାର ବେହେରା, ବିଭୂତି ବଳିୟାରସିଂ, ମୁରଲୀଧର ମହାନ୍ତି, ବଗୁଲି ବେହେରା, କୃଷ୍ଣଚନ୍ଦ୍ର ସେଠୀ, ନିରଞ୍ଜନ ଦାସ, ମୁନା ସେଠୀ, ରବୀନ୍ଦ୍ର ପୃଷ୍ଟି, ଅଶ୍ୱିନୀ ଦାସ, ବସନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।





ଦୁର୍ଗାମଣ୍ଡପଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୩୦।୧୧।୨୦୨୪

| | |
|---|---|
| ୫,୦୮,୦୯୦ ଟଙ୍କା | |
| ସୁନା | ୭.୪୫୦ ଗ୍ରାମ୍ |
| ରୁପା | ୩୩.୭୦୦ ଗ୍ରାମ୍ |

# ଅଦିତି, କଶ୍ୟପଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ ଦେଲେ ମହାପ୍ରଭୁ

ପୁରୀ,୩୦।୧୧(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିରରେ ମାର୍ଗଶିର କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ଶନିବାରଠାରୁ ୩ ଦିନବ୍ୟାପୀ ମହାପ୍ରଭୁଙ୍କ ଦେବଦୀପାବଳି ନୀତି ଆରମ୍ଭ ହୋଇଛି। ଏହି ତିନିଦିନ ମହାପ୍ରଭୁ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଦୀପଦାନ କରିବା ସହ ଶ୍ରାଦ୍ଧ ଦେବେ। ମାର୍ଗଶିର କୃଷ୍ଣ ଚତୁର୍ଦ୍ଦଶୀ ତିଥିରେ ସନ୍ଧ୍ୟାଧୂପ ନୀତି ବଢ଼ିବା ପରେ ଅଦିତି ଓ କଶ୍ୟପଙ୍କ ଉଦ୍ଦେଶ୍ୟରେ ମହାପ୍ରଭୁ ଦୀପଦାନ ଓ ଶ୍ରାଦ୍ଧ ଦେଇଛନ୍ତି। ଦ୍ୱିତୀୟ ଦିନ ଅମାବାସ୍ୟା ତିଥିରେ ଦଶରଥ ଓ କୌଶଲ୍ୟାଙ୍କ ଉଦ୍ଦେଶ୍ୟରେ ଦୀପଦାନ ଓ ଶ୍ରାଦ୍ଧ ଦେବା ପରେ ତୃତୀୟ ଦିନ ଅର୍ଥାତ୍ ପ୍ରତିପଦା ତିଥିରେ ମହାପ୍ରଭୁ ଦେବକୀ, ବାସୁଦେବ, ନନ୍ଦ, ଯଶୋଦା, ମହାରାଜା ଇନ୍ଦ୍ରଦ୍ୟୁମ୍ନ ଓ ଗୁଣ୍ଡିଚା ରାଣୀଙ୍କୁ ଦୀପଦାନ କରିବା ସହ ଶ୍ରାଦ୍ଧ ତର୍ପଣ ଦେବାର ପରମ୍ପରା ରହିଛି। ଏହି ଅବସରରେ ଶ୍ରୀବିଗ୍ରହମାନେ ଶ୍ରାଦ୍ଧ ବେଶ ଧାରଣ କରିଛନ୍ତି। ଏହାସହ ଶ୍ରୀମନ୍ଦିରରେ ମହାଦୀପ ପ୍ରଜ୍ୱଳିତ ହୋଇଥିଲା। ସନ୍ଧ୍ୟା ଧୂପ ପରେ ପୁଷ୍ପାଳକ ସେବାୟତମାନେ ମହାପ୍ରଭୁଙ୍କୁ ଶ୍ରାଦ୍ଧ ବେଶରେ ନାଗପୁରୀ ଶାଢ଼ି ଚାଦରରେ ଭୂଷିତ କରାଇଥିଲେ। ବେଶରେ ଶ୍ରୀବିଗ୍ରହମାନେ ଧଳାବସ୍ତ୍ର ପରିଧାନ କରିଥିବାରୁ ଏହାକୁ ଶ୍ରାଦ୍ଧ ବେଶ ବୋଲି କୁହାଯାଏ।



ଦେବ ଦୀପାବଳିରେ ପିତୃ ପୁରୁଷଙ୍କ ଉଦ୍ଦେଶ୍ୟର ମହାପ୍ରଭୁ ଦୀପ ଦାନ କରିଛନ୍ତି ।



ମହାପ୍ରଭୁଙ୍କ ଶ୍ରାଦ୍ଧ ବେଶ ।

ଶ୍ରୀଜଗନ୍ନାଥ ମହାପ୍ରଭୁ ୧୬ ହାତ, ଶ୍ରୀବଳଭଦ୍ର ୧୪ହାତ ଓ ଦେବୀ ସୁଭଦ୍ରା ୧୨ ହାତ ଲମ୍ବ ବିଶିଷ୍ଟ ସୂତା ଶାଢ଼ି ବା ନାଗପୁରୀ ଶାଢ଼ି ପରିଧାନ କରିଥିଲେ। ଶ୍ରାଦ୍ଧ ବେଶରେ ଠାକୁରମାନେ ତଡ଼ଗୀ, ନଳୀଭୂଜ, ଚନ୍ଦ୍ର, ସୂର୍ଯ୍ୟ, କୁଣ୍ଡଳୀ, ଆଡକାନି, ହରିଡ଼ା ମାଳି, କମରପଟି ପ୍ରଭୃତି ସ୍ୱର୍ଣ୍ଣ ଅଳଙ୍କାରରେ ବିଭୂଷିତ ହୋଇଥିଲେ। ସେହିପରି ସନ୍ଧ୍ୟାଧୂପ ନୀତି ବଢ଼ି ଧୋପଖାଳ ହେବା ପରେ ରତ୍ନସିଂହାସନ ତଳେ ଭଣ୍ଡାର ମେକାପ ଚାଉଳରେ ଗୋଟିଏ ଗଛ ନିର୍ମାଣ କରିଥିଲେ। ପାଳିଆ ମେକାପ ଘୃତ ପୂର୍ଣ୍ଣକରି ଚାଉଳ ଗଛରେ ବତି ବସାଇଥିଲେ। ଏଥିରେ ସମୁଦାୟ ୨୮ଟି ବତି ବସାଯାଏ। ତନ୍ମଧ୍ୟରୁ ଶ୍ରୀଜଗନ୍ନାଥଙ୍କ ପାଇଁ ୧୦ଟି, ଶ୍ରୀବଳଭଦ୍ରଙ୍କ ପାଇଁ ୯ଟି ଓ ଦେବୀ ସୁଭଦ୍ରାଙ୍କ ପାଇଁ ୯ଟି ଦୀପ ବସାଯାଇଥିଲା। ୩ଟି ସୁନା ଆଳତି ଲଗାଇବା ପରେ ପୂଜାପଣ୍ଡା ସେବକ ଚାଉଳଗଛ ଓ ଦୀପମାନଙ୍କୁ ସଂସ୍କାର କରିଥିଲେ। ଏହାପରେ ପୂଜାପଣ୍ଡା, ପତି ମହାପାତ୍ର ଓ ମୁଦିରସ୍ତ ସେବକମାନେ ସିଂହାସନ ଉପରକୁ ଉଠି ତିନିବାଡ଼ରେ ବନ୍ଦାପନା କରିବା ପରେ ୩ଟି ମହାଦୀପରେ ବନ୍ଦାପନା କରାଯାଇଥିଲା। ତତ୍ପରେ ୩ଜଣ ପୂଜାପଣ୍ଡା ମହାଦୀପଗୁଡ଼ିକୁ ହାତରେ ଧରି ଜୟବିଜୟଦ୍ୱାର ଭିତର ପାଖକୁ ଆସିଥିଲେ। ସେଠାରେ ଆସ୍ଥାନ ପଢ଼ିଆରୀ କରିଥିବା ଚାଉଳ ଗଛକୁ ଜଣେ ପୂଜାପଣ୍ଡା ସଂସ୍କାର କରି ପାଣି ପକାଇଥିଲେ। ପରେ ସେହି ମହାଦୀପ କଳସଗୁଡ଼ିକୁ ପାଳିଆ ଚୂନରାଙ୍କୁ ଦିଆଯାଇଥିଲା। ଚୂନରା ସେବକ ବଡ଼ଓଡ଼ିଆ ମଠ ପ୍ରଦାନ କରିଥିବା ତେଲ ଓ ଘିଅ ନେଇ ଶ୍ରୀମନ୍ଦିରର ଅଁଳାବେଢ଼ା ଉପରେ ଦୀପମାନ ଜାଳିଥିଲେ। ଚନ୍ଦ୍ରଉଦିଆ ଜାଳି ଗଜପତି ମହାରାଜାଙ୍କୁ ମହାପ୍ରଭୁ ଶଙ୍ଖେ ପୂରାଇ ଚକ୍ରେ ଆଡୁଆଳ କରନ୍ତୁ କହି ହରିବୋଲ ଡାକ ଦେଇଥିଲେ।

# ଅବସର ଦିନ ୨ ଶିକ୍ଷକଙ୍କୁ ମିଳିଲା ପେନ୍‌ସନ

ଗୋପ,୩୦।୧୧(ଭାରତୀ ଭୂଷଣ ଉପାଧ୍ୟାୟ)

ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ଶନିବାର ଗୋପ ବ୍ଲକ ଶିକ୍ଷା ବିଭାଗ ମାନିବା ସହିତ ଅବସର ନେଇଥିବା ୨ ଜଣ ବରିଷ୍ଠ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ଗୋଟିଏ ଦିନରେ ପେନସନ ଅର୍ଥ ମିଳିଥିବା ଜଣାପଡ଼ିଛି।

ପ୍ରକାଶ ଯେ, ଗୋପ ବ୍ଲକ ଅଧୀନ କୋଣାର୍କ ମାଉସୀମା' ପ୍ରକଳ୍ପ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶିବ ପ୍ରସାଦ ପରିଡ଼ା ଓ ଜଗନ୍ନାଥ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷୟିତ୍ରୀ କିରଣବାଳା ମିଶ୍ର ଶନିବାର ଅବସର ଗ୍ରହଣ କରିଥିଲେ। ଏହି ଅବସର କାଳୀନ ସଭାରେ ବ୍ଲକ ଶିକ୍ଷା ଅଧିକାରୀ ସୁଶୀଲ କୁମାର ବ୍ରହ୍ମା ଯୋଗଦେଇ ବରିଷ୍ଠ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ସହ ପେନସନ ଫାଇନାଲ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ବେଣୁଧର ମଲ୍ଲିକ, ଅଶୋକ ବେହେରା, ବିନୋଦିନୀ ମହାପାତ୍ର, ପୁଷ୍ପ ମିତା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏପରି ଏକ ପଦକ୍ଷେପକୁ ଗୋପ ବ୍ଲକ ଶିକ୍ଷକ ସମନ୍ୱୟ ସମିତିର ପୂର୍ବତନ ସଭାପତି ଶିବଦତ୍ତ ନାୟକ, ବରିଷ୍ଠ ଶିକ୍ଷାବିତ୍ ସୁଶାନ୍ତ ନାୟକ ଧନ୍ୟବାଦ ଦେଇଥିଲେ।

# ପାଣି ପାଇପ୍ ଚୋରିକରି ୨ ଗିରଫ, ଟ୍ରକ୍ ଜବତ

କୋଣାର୍କ,୩୦।୧୧(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ମାଧିପୁର ଛକ ନିକଟ ରାସ୍ତାପାର୍ଶ୍ୱରୁ ବଡ଼ ବଡ଼ ଡିଆଇ ପାଣି ପାଇପ ଚୋରି ସମୟରେ କୋଣାର୍କ ପୋଲିସ ୨ ଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ମଧ୍ୟପ୍ରଦେଶ ଦେବେନ୍ଦ୍ର ନଗରର ହମିଦ ଖାଁ ଓ ଯାଜପୁରର ବୈକୁଣ୍ଠ ମିଶ୍ର। ଶୁକ୍ରବାର ରାତିରେ ମଧ୍ୟପ୍ରଦେଶର ଏକ ଟ୍ରକ୍(ଏମ୍‌ଏସ୍ ୪୦ ସିଟି ୬୦୪୨)ଟି ମୁଖ୍ୟରାସ୍ତା କୋଣାର୍କ କଲେଜ ସମ୍ମୁଖରେ ଛିଡ଼ା ହୋଇଥିଲା। ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ ଚୋରି ବିଷୟରେ ଖବର ପାଇ ଟ୍ରକ ଜବତ କରି ପ୍ରାୟ ୧୨ ଜଣଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି। ଏଥିରେ ୨ ଜଣ ମୁଖ୍ୟ ଥିବାବେଳେ ଅନ୍ୟମାନେ ଶ୍ରମିକ ଶ୍ରେଣୀର ବୋଲି ଜଣାପଡ଼ିଛି।

କୋଣାର୍କ ଏନ୍‌ଏସିରେ ୨୪ ଘଣ୍ଟିଆ ପାଣି ପାଇଁ ୱାଟ୍‌କୋ ପକ୍ଷରୁ ପ୍ରାୟ ୮ ହଜାର ମିଟର ପାଇପ୍ ୨ଟି ସ୍ଥାନରେ ରାସ୍ତାପାର୍ଶ୍ୱରେ ବିନା ସୁରକ୍ଷାରେ ରଖାଯାଇଛି। ଏ ସମ୍ପର୍କରେ କୋଣାର୍କ ୱାଟ୍‌କୋ କନିଷ୍ଠ ଯନ୍ତ୍ରୀ ଦୀପ୍ତିରଞ୍ଜନ ପାତ୍ରଙ୍କୁ ପଚାରିବାରୁ, ଚୋରି ସମ୍ପର୍କରେ ଥାନାରେ ଅଭିଯୋଗ କରାଯାଇଛି। ବଡ଼ ଧରଣର ରାକେଟ ଏଥିରେ ସାମିଲ ଥିବା ସେ କହିଥିଲେ। ଏହି ମାମଲାରେ ସମ୍ପୃକ୍ତ ଥିବା ୨ ଜଣ ମଧ୍ୟପ୍ରଦେଶ ଦେବେନ୍ଦ୍ର ନଗରର ହମିଦ ଖାଁ ଓ ଯାଜପୁରର ବୈକୁଣ୍ଠ ମିଶ୍ରଙ୍କୁ କୋଣାର୍କ କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ପୂର୍ଣ୍ଣଚନ୍ଦ୍ର ସେଠୀ କହିଛନ୍ତି।

## ସଂକ୍ଷେପରେ

### ବିଜ୍ଞାନମେଳାରେ ୧୨୬ ପ୍ରକଳ୍ପ ପ୍ରଦର୍ଶିତ

କଣାସ ୩୦।୧୧(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଅଡାଳ-ବଡାଳଠାରେ ପ୍ରତିଷ୍ଠିତ ଆଶୀର୍ବାଦ ଶିଶୁ ବିଦ୍ୟାମନ୍ଦିର ପରିସରରେ ଶନିବାର ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ବିଜ୍ଞାନମେଳାରେ ୧୨୬ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ପ୍ରାରମ୍ଭରେ ବିଦ୍ୟାଳୟ ସଭା ମଣ୍ଡପରେ 'ବିଜ୍ଞାନର ଉପାଦେୟତା' ଶୀର୍ଷକ ଏକ ଆଲୋଚନାଚକ୍ର ସର୍ବେଶ୍ୱର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିଲା। ଏଥିରେ ବିଜୟ ପ୍ରଧାନ, ଧନେଶ୍ୱର ଲେଙ୍କା, କବି କସ୍ତୁରୀ ଦିଲୀପ ଶ୍ରୀଚନ୍ଦନ, ହେମନ୍ତ ମହାରଥୀ, ଜମ୍ବେଶ୍ୱର ରଣଜିତ୍, ଅଜୟ ସେଠୀ, ପ୍ରଭଞ୍ଜନ ବଳିୟାରସିଂ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଜ୍ଞାନର ଉପାଦେୟତା ସମ୍ପର୍କରେ ଆଲୋଚନା କରିଥିଲେ। ବିଦ୍ୟାଳୟ ସମ୍ପାଦକ ପ୍ରଫୁଲ୍ଲ ସ୍ୱାଇଁ, ପ୍ରଧାନ ଶିକ୍ଷକ କୈବଲ୍ୟ ସ୍ୱାଇଁ, ଅତିଥି ପରିଚୟ ଓ ବିବରଣୀ ପ୍ରଦାନ କରିଥିଲେ। ଭାସ୍କର ସାହୁ ସଭା କାର୍ଯ୍ୟ ପରିଚାଳନା କରିଥିବାବେଳେ ୩ ଗ୍ରାମ ପଞ୍ଚାୟତର ଛାତ୍ରୀଛାତ୍ର ଏହି ପ୍ରଦର୍ଶନୀ ବୁଲି ଦେଖିଥିଲେ।

### ଶିକ୍ଷକଙ୍କ ୩ ଦିନିଆ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଯୋଗେଶ୍ୱରପୁର,୩୦।୧୧(ରଶ୍ମି ରଞ୍ଜନ ସାହୁ)

ଧୂମାଳ ପଞ୍ଚାୟତର ବାଳିକା ଉଚ୍ଚ ବିଦ୍ୟାଳୟରେ ଚାଲିଥିବା ୩ ଦିନିଆ ପ୍ରୟୋଗ ପ୍ରଶିକ୍ଷଣ ଶିବିର ଗୋପ ବ୍ଲକ୍ ଶିକ୍ଷାଧିକାରୀ ସୁଶୀଲ କୁମାର ବ୍ରହ୍ମାଙ୍କ ତତ୍ତ୍ୱାବଧାନରେ ଉଦ୍‌ଯାପିତ ହୋଇଯାଇଛି। ଶିବିରରେ ନୟାହାଟ ଅଞ୍ଚଳର ବିଭିନ୍ନ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୪୦ରୁ ଉର୍ଦ୍ଧ୍ୱ ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀଶିକ୍ଷକମାନେ ଉପସ୍ଥିତ ଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ମୌଳିକ ସାକ୍ଷରତା, ସଂଖ୍ୟା ଜ୍ଞାନ, ଭାଷା ଗଣିତ ଉପରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଏଥିରେ ପତିତପାବନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସରୋଜ କୁମାର ମିଶ୍ର, ସନାତନ ସେଠୀ, ବିଶ୍ୱଜିତ୍ ସାହୁ ଓ ନିରଞ୍ଜନ ସ୍ୱାଇଁ ପ୍ରମୁଖ ଉକ୍ତ ପ୍ରଶିକ୍ଷଣ ଶିବିର ଉପରେ ଆଲୋକପାତ କରିଥିଲେ।

# ୨୦୩୦ ସୁଦ୍ଧା ଏଡ୍‌ସମୁକ୍ତ ହେବ ଭାରତ




ପୁରୀ ୩୦।୧୧(ଅଜିତ୍ କୁମାର ମହାନ୍ତି)

### ଏଡ୍‌ସ ସଚେତନତା ଶୋଭାଯାତ୍ରା

ଅସଂଯତ ଜୀବନଶୈଳୀ ଓ ଅପ୍ରାକୃତ ଯୌନ ସମ୍ପର୍କରୁ ଦୂରରେ ରହି ଏକ ଶୃଙ୍ଖଳିତ ଜୀବନଯାପନ ଭାରତବର୍ଷକୁ ୨୦୩୦ ସୁଦ୍ଧା ଏଡ୍‌ସମୁକ୍ତ କରିପାରେ ବୋଲି ମତପ୍ରକାଶ ପାଇଛି। ଡିସେମ୍ବର ୧କୁ ବିଶ୍ୱ ଏଡସ୍ ଦିବସ ପାଳନ କରାଯାଇଥାଏ। ତେବେ ରାଷ୍ଟ୍ରପତିଙ୍କ ପୁରୀ ଗସ୍ତକୁ ଦୃଷ୍ଟିରେ ରଖି, ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ସ୍ୱାସ୍ଥ୍ୟ ପ୍ରଶାସନ ପକ୍ଷରୁ ବିଶ୍ୱ ଏଡ୍‌ସ ଦିବସର ଦିନକ ପୂର୍ବରୁ ଅର୍ଥାତ୍ ଡିସେମ୍ବର ୩୦ରେ ବିଶ୍ୱ ଏଡସ୍ ଦିବସ ପାଳନ ହୋଇଯାଇଛି। ଏଥିପାଇଁ ଶନିବାର ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା। ସଚେତନତା ଶୋଭାଯାତ୍ରାକୁ ଗୁଣ୍ଡିଚା ମନ୍ଦିରଠାରେ ଡାକ୍ତର ବିରଜା ଶଙ୍କର ରଥ ଉଦ୍‌ଘାଟନ କରିଥିଲେ।

ସଚେତନତା ଶୋଭାଯାତ୍ରା ଗୁଣ୍ଡିଚା ମନ୍ଦିରଠାରୁ ଏହି ଶୋଭାଯାତ୍ରା ବାହାରି ପୁରୀ ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିଥିଲା। ପରେ ପରେ ଡାକ୍ତର ଲଲାଟେନ୍ଦୁ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ର. ସୁଦର୍ଶନ ପୋଥାଳ, ଡ. ଅଶୋକ ମିଶ୍ର, ଯକ୍ଷ୍ମା ଓ ଏଡ୍‌ସ କମିଟିର ବରିଷ୍ଠ ସଦସ୍ୟ ବଦ୍ରି ମିଶ୍ର, ମିନତୀ ପରିଡ଼ା, ଅଲିଭା ସାହୁ, ଟି.ନାରାୟଣ ରାଓ, ବାବୁଲା ପ୍ରସାଦ, ଦୀପା ସାହୁ, ଦେବକୀ ମାଆ, ଅଶୋକ ସାହୁ, କେ.ଲକ୍ଷ୍ମୀ, ପ୍ରିୟଙ୍କା ନର୍ସିଂ କଲେଜର ଡ. ବାବୁଲା ବେହେରା ଅତିଥି ଭାବେ ଯୋଗ ଦେଇଥିଲେ। ଭାରତବର୍ଷରେ ପାଖାପାଖି ୨୪ଲକ୍ଷ, ଓଡ଼ିଶାରେ ୪୬ ହଜାର, ଗଞ୍ଜାମ ଜିଲାରେ ୧୫ହଜାର ଏଡ୍‌ସ ରୋଗୀ ରହିଥିବା ବେଳେ ପୁରୀରେ ଏହାର ସଂଖ୍ୟା ୭ଶହ ରହିଛି। ପ୍ରତିଦିନ ପୁରୀକୁ ବହୁ ଦେଶ ବିଦେଶର ଭକ୍ତ ଓ ପର୍ଯ୍ୟଟକ ଆସୁଥିବାରୁ ଏଡ୍‌ସ ସଂକ୍ରମଣର ପ୍ରତିରୋଧ କରିବାକୁ ସମସ୍ତ ଜନସାଧାରଣ ସଚେତନ ରହିବା ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସଂଯୋଜକ ସୁଦର୍ଶନ ଜେନା, ଦୁଃଖିଶ୍ୟାମ ପଟ୍ଟନାୟକ, ଦୈତାରି ପଟ୍ଟନାୟକ ଓ ଦେବାଶିଷ ମର୍ଦ୍ଦରାଜ ପ୍ରମୁଖ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମକୁ ସ୍ନିଗ୍ଧା ପଟ୍ଟନାୟକ, ନିବେଦିତା ଦାସ, ରଶ୍ମିତା ମହାନ୍ତି ଓ ଶୈଳବାଳା ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

# ଶ୍ରୀଗୋବର୍ଦ୍ଧନ ମଠରେ ରାଷ୍ଟ୍ରୀୟ ମର୍ମ ଚିକିତ୍ସା ସମ୍ମିଳନୀ

ପୁରୀ,୩୦।୧୧(ଅଜିତ୍ କୁମାର ମହାନ୍ତି)

ଆଦିତ୍ୟ ବାହିନୀର ଆଦିତ୍ୟ ଚିକିତ୍ସା କେନ୍ଦ୍ର ଓ ଓଡ଼ିଶା ସ୍ୱାସ୍ଥ୍ୟ ସଂଘ ପକ୍ଷରୁ ୨ଦିନିଆ ରାଷ୍ଟ୍ରୀୟ ମର୍ମ ଚିକିତ୍ସା ସମ୍ମିଳନୀ ସ୍ଥାନୀୟ ଗୋବର୍ଦ୍ଧନମଠ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସ୍ୱାସ୍ଥ୍ୟ ସଂଘର ଅଧ୍ୟକ୍ଷ ଦୀନ୍‌ଦୟାଲ କୋଏଲଙ୍କ ଅଧ୍ୟକ୍ଷତାରେ ରାଷ୍ଟ୍ରୀୟ ସମ୍ମିଳନୀକୁ ପୂଜ୍ୟ ସନ୍ଥ ଚନ୍ଦ୍ରଭୂଷଣ ପାଠକ ଜୀ, ଆଦିତ୍ୟ ବାହିନୀର ଉପାଧ୍ୟକ୍ଷ ସୁୟସ ପ୍ରଶାନ୍ତ ଓ ପ୍ରାକ୍ତନ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ ଶିବିରକୁ ଉଦ୍‌ଘାଟନ କରିଥିଲେ। ସମ୍ମିଳନୀରେ କେରଳ, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ବିହାର, ଓଡ଼ିଶା, ଉତ୍ତର ପ୍ରଦେଶ, ମଧ୍ୟ ପ୍ରଦେଶ ସମେତ ୧୦ଟି ପ୍ରଦେଶରୁ ୩୦୦ ମର୍ମ ଚିକିତ୍ସକ ଭାଗନେଇଥିବା ସଂଘ ସଚିବ ସୌମିତ୍ର ଦାସ ସୂଚନା ଦେଇଥିଲେ। ସମାଜକୁ ମର୍ମ ଚିକିତ୍ସା ନିଃଶୁଳ୍କ ସେବା ପ୍ରଦାନ କରୁଥିବା ସ୍ୱାସ୍ଥ୍ୟ ସଂଘ ଅନେକ ତଥ୍ୟଭିତ୍ତିକ ପ୍ରଦର୍ଶନୀ ମଧ୍ୟ ପ୍ରସ୍ତୁତ କରିଛନ୍ତି। ରବିବାର ପର୍ଯ୍ୟନ୍ତ ଏହି ସମ୍ମିଳନୀ ଚାଲିବ ବୋଲି ମୁଖ୍ୟ ସଂଯୋଜକ ହରେକୃଷ୍ଣ ଖୁଣ୍ଟିଆ ସୂଚନା ଦେଇଛନ୍ତି।

# ଠିକାଦାରଙ୍କୁ ତଦନ୍ତକାରୀ ଅଫିସରଙ୍କ କାରଣ ଦର୍ଶାଅ ନୋଟିସ



ଅସ୍ତରଙ୍ଗ,୩୦।୧୧(ପ୍ରଦୀପ୍ତ କୁମାର ଦୀକ୍ଷିତ)

### ପୋଲିସ ଷ୍ଟାଫ୍ କ୍ୱାର୍ଟର୍ସ ନିର୍ମାଣରେ ଅନିୟମିତତା

କୌଣସି ଶ୍ରମଜୀବୀଙ୍କୁ ଅସୁରକ୍ଷିତ ଭାବେ କାମ କରାଇବା ଶ୍ରମ ଆଇନ ବିରୋଧୀ। ଏହା ସତ୍ତ୍ୱେ ପୁରୀ ଜିଲା ଅସ୍ତରଙ୍ଗ ନୂତନ ଥାନା ପରିସରରେ ନିର୍ମାଣ ହେଉଥିବା ପୋଲିସ ଷ୍ଟାଫ୍ କ୍ୱାର୍ଟର୍ସ କାର୍ଯ୍ୟ ଚାଲୁଥିବାବେଳେ ସୁରକ୍ଷା ବାଉଁଶରେ ୪୦ ଫୁଟ ଉଚ୍ଚରେ ବିନା ସୁରକ୍ଷା ସାମଗ୍ରୀ ପରିଧାନ କରି ଶ୍ରମିକ ନିଜ ଜୀବନକୁ ବାଜିରେ ଲଗାଇ କାମ କରୁଛନ୍ତି। ଷ୍ଟାଫ୍ କ୍ୱାର୍ଟର୍ସ ନିର୍ମାଣର ଅନେକ ଅନିୟମିତତା ପୂର୍ବରୁ ଆସିଥିବାବେଳେ ଯାହାକି କିଛି ଦିନ ପୂର୍ବେ ଶ୍ରମିକଙ୍କ ସହ ଗଣ୍ଡଗୋଳ ହୋଇଥିବା ଘଟଣା ଥାନାରେ ଅଭିଯୋଗ ହୋଇଥିଲା। ବିଭିନ୍ନ ମହଲରେ ଅଭିଯୋଗ ପରେ ଶନିବାର ଶ୍ରମ ବିଭାଗର ୩ ଜଣିଆ ତଦନ୍ତକାରୀ ଟିମ ଉକ୍ତ ନିର୍ମାଣ ସ୍ଥଳରେ ପହଞ୍ଚି ଅଭିଯୋଗର ତଦାରଖ କରିଛି। ତଦନ୍ତକାରୀ ଟିମ୍ ଠିକାଦାରଙ୍କୁ ଚିଠି ମାଧ୍ୟମରେ କାରଣଦର୍ଶାଅ ନୋଟିସ ଜାରି କରିଛି। ଏଥିସହ ଠିକାଦାର ସମସ୍ତ ରେକର୍ଡ, ରେଜିଷ୍ଟର, ସହାୟକ ଦଲିଲ ଏବଂ ସମ୍ପୃକ୍ତ ଶ୍ରମ ଲାଇସେନ୍ସ ସହିତ ବିଭାଗୀୟ ଶ୍ରମ କମିଶନରଙ୍କ କାର୍ଯ୍ୟାଳୟରେ ୧୦ ଦିନ ମଧ୍ୟରେ ଉପସ୍ଥିତ ହେବାକୁ ନୋଟିସ୍ ମାଧ୍ୟମରେ କୁହାଯାଇଥିବା ତଦନ୍ତକାରୀ ଅଧିକାରୀ ତଥା ବିଭାଗୀୟ ଶ୍ରମ ଆୟୁକ୍ତ କାର୍ଯ୍ୟାଳୟର ସହକାରୀ ଶ୍ରମ ଅଧିକାରୀ ଚିନ୍ମୟ ପ୍ରିୟଦର୍ଶୀ ସୂଚନା ଦେଇଛନ୍ତି। ଆଗାମୀ ଦିନରେ ଶ୍ରମିକଙ୍କୁ ସୁରକ୍ଷା ଉପକରଣ ଯେପରିକି ପୋଷାକ, ହେଲମେଟ ସହ ଅନ୍ୟାନ୍ୟ ସାମଗ୍ରୀ ବ୍ୟବହାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ତଦନ୍ତକାରୀ ଅଧିକାରୀଙ୍କୁ ଦେଖି ଠିକାଦାର ଏବଂ କାମ କରୁଥିବା ଲୋକେ ସେଠାରୁ ଲୁଚି ପଳାଇଥିଲେ। ଚିନ୍ମୟ ପ୍ରିୟଦର୍ଶୀଙ୍କ ସହ ଶ୍ରମ ବିଭାଗ କର୍ମଚାରୀ ଦେବବ୍ରତ ପଲାଇ, ଶୈଳେନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ।

# ୯ମ ଜାତୀୟ କୁମ୍ଫୁ ପ୍ରତିଯୋଗିତା ଆରମ୍ଭ

ପୁରୀ,୩୦।୧୧(ଅଜିତ୍ କୁମାର ମହାନ୍ତି)

ରେଲ୍‌ୱେ କଲ୍ୟାଣମଣ୍ଡପଠାରେ ଓଡ଼ିଶା କୁମ୍ଫୁ ଆସୋସିଏଶନ ଆନୁକୂଲ୍ୟରେ ୯ମ ଜାତୀୟ କୁମ୍ଫୁ ପ୍ରତିଯୋଗିତା ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏହି ପ୍ରତିଯୋଗିତା ୨ଦିନ ଧରି ଚାଲିବ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ ଯୁବ ବିଜେଡି ସମ୍ପାଦକ ଷ୍ଟାଲିନ୍ ପରିଜା, ଓଡ଼ିଶା ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ସୌମ୍ୟରଞ୍ଜନ ଲେଙ୍କା, ବରିଷ୍ଠ ଖବରଦାତା ବିଶ୍ୱଜିତ୍ ପଟ୍ଟନାୟକ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜେନେରାଲ ସେକ୍ରେଟାରି ପ୍ରଦୀପ କାଣ୍ଡି, ଓଡ଼ିଶା କୁମ୍ଫୁ ଆସେସିଏଶନ ସଭାପତି ଚନ୍ଦନ କୁମାର ସାହୁ, ଇଣ୍ଟରନ୍ୟାଶନାଲ କୁମ୍ଫୁ କାଉନସିଲ୍ ଚେୟାରମ୍ୟାନ୍ ପାପୁନ ପାଲ, ପ୍ରତିଷ୍ଠାତା ଇଣ୍ଟରନ୍ୟାଶନାଲ କୁମ୍ଫୁ କାଉନ୍‌ସିଲ୍ ଚେୟାରମ୍ୟାନ ବେନୁ ଗୋପାଲ ଘୋଷ, ସଭାପତି ରାଜକୁମାର ଦେ ସରକାର ଉତ୍ସବରେ ଯୋଗଦେଇଥିଲେ। ଉତ୍ସବରେ ପ୍ରାୟ ୧୩ଟି ରାଜ୍ୟ ଯଥା ଆସାମ, ପଶ୍ଚିମବଙ୍ଗ, କେରଳ, କର୍ଣ୍ଣାଟକ, ମିଜୋରମ୍, ଛତିଶଗଡ଼, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ମେଘାଳୟ, ସିକିମ୍, ଓଡ଼ିଶା, ନାଗାଲାଣ୍ଡ ଓ ବିହାର ରାଜ୍ୟରୁ ପ୍ରାୟ ୨୨୫ ଜଣ ଯୋଗଦେଇଛନ୍ତି। ଶେଷରେ ଇଣ୍ଟରନ୍ୟାଶନାଲ କୁମ୍ଫୁ କାଉନ୍‌ସିଲ୍ ଚେୟାରମ୍ୟାନ୍ ପାଲ ଧନ୍ୟବାଦ ଦେଇଥିଲେ।

# ସଚେତନତା ବାର୍ତ୍ତା ନେଇ ମିନି ସାଇକ୍ଲୋଥନ୍



କୋଣାର୍କ,୩୦।୧୧(ଜ୍ୟୋତିରାଜ ମହାନ୍ତି)

ଓଡ଼ିଶା ପର୍ଯ୍ୟଟନ ବିଭାଗ ସହାୟତାରେ କୋଣାର୍କ ପ୍ରେସ୍ କ୍ଲବ ପକ୍ଷରୁ ୯ମ ମିନି ସାଇକ୍ଲୋଥନ୍ ଶନିବାର ଅନୁଷ୍ଠିତ ହୋଇଯାଇଛି। କୋଣାର୍କ ଉତ୍ସବ ପୂର୍ବରୁ ଆଦ୍ୟ କାର୍ଯ୍ୟକ୍ରମ ଭାବେ ଏହି ସାଇକ୍ଲୋଥନ ସୂର୍ଯ୍ୟମନ୍ଦିର ସମ୍ମୁଖରୁ ବାହାରି ରାମଚଣ୍ଡୀ ପୀଠରେ ସମାପ୍ତ ହୋଇଥିଲା। ଚଳିତବର୍ଷ କାର୍ଯ୍ୟକ୍ରମକୁ ସରସ ସୁନ୍ଦର କରିବାକୁ ପ୍ରେସ୍ କ୍ଲବ ପକ୍ଷରୁ ପ୍ରୟାସ କରାଯାଇଛି।

ସୂଚନାଯୋଗ୍ୟ, କୋଣାର୍କ ଉତ୍ସବର ପ୍ରସାର ପ୍ରଚାର ଉଦ୍ଦେଶ୍ୟ ନେଇ ପର୍ଯ୍ୟଟନ ବିଭାଗ ବିଭିନ୍ନ ଅନୁଷ୍ଠାନ ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିଥାଏ। କୋଣାର୍କ ଉତ୍ସବ ଆରମ୍ଭ ପୂର୍ବଦିନ କୋଣାର୍କ ପ୍ରେସ୍ କ୍ଲବ ପକ୍ଷରୁ ଚଳିତ ୯ମ ବର୍ଷର ମିନି ସାଇକ୍ଲୋଥନ ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ କୋଣାର୍କ ଏନ୍‌ଏସି ଅଧ୍ୟକ୍ଷା ସୁଶ୍ରୀ ସଂଯୁକ୍ତା ତ୍ରିପାଠୀ, ଉପାଧ୍ୟକ୍ଷ ସୁରେଶ ଚନ୍ଦ୍ର ରାଉତରାୟ, ପୁରୀ ଜିଲା ପେସାଦାର ସାମ୍ବାଦିକ ସଂଘ ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର, ଶିକ୍ଷାବିତ୍ ରବୀନ୍ଦ୍ରନାଥ ବାହିନୀପତି, ପୁରୀ ଜିଲା ଯାଦବ ମହାସଂଘ ସଭାପତି ଗୋପାଳ ଚନ୍ଦ୍ର ବେହେରା, ପ୍ରଧାନ ଶିକ୍ଷକ ନୀହାର ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରେସ୍ କ୍ଲବର ୨ ଦିବଂଗତ ଖବରଦାତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଖବରଦାତା ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କୁ ସାମ୍ବାଦିକ ସ୍ମୃତି ସମ୍ମାନ ଓ ସଞ୍ଜୟ କୁମାର ପତିଙ୍କୁ ବରିଷ୍ଠ ସଙ୍ଗଠକ ସମାଜ ଏବଂ ସଞ୍ଜୟ କୁମାର ନାୟକଙ୍କୁ ଯୁବ ଉଦ୍ୟୋଗୀ ସମ୍ମାନ-୨୦୨୪ରେ ସମ୍ମାନିତ କରାଯାଇଥିଲା। କ୍ଲବର ବରିଷ୍ଠ ଉପଦେଷ୍ଟା ରାମକୃଷ୍ଣ ମହାନ୍ତି, ସଭାପତି ଧନଞ୍ଜୟ ବେହେରା, ସମ୍ପାଦକ ବିଚିତ୍ର ଓଝା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଭ୍ୟ ତାରକେଶ୍ୱର ବରାଳ, ଦୀପ୍ତିରଞ୍ଜନ ପାତ୍ର, ଗୋପବନ୍ଧୁ ପତି, ଅଭୟ ନାୟକ, ସୂର୍ଯ୍ୟକାନ୍ତ ମିଶ୍ର, ପ୍ରମୋଦ ବିଶ୍ୱାଳ, ଶ୍ରୀକାନ୍ତ ସିଂହ, ଦେବୀପ୍ରସାଦ ନାୟକ, ମାନସ ଖଣ୍ଡୁଆଳ, ଆଲୋକ ରଞ୍ଜନ ରାଉତରାୟ, ଉମାକାନ୍ତ ସାହୁ, ଗଙ୍ଗାଧର ବେଉରା ପ୍ରମୁଖ ଉପସ୍ଥିତ ଥିଲେ।

# ନୌସେନା ଦିବସ ପାଇଁ ପ୍ରସ୍ତୁତି ଜୋର୍‌ଦାର

ପୁରୀ,୩୦।୧୧(ଅଜିତ୍ କୁମାର ମହାନ୍ତି)

### ବରିଷ୍ଠ ଅଧିକାରୀଙ୍କ ସହ ଏସ୍‌ପିଙ୍କ ଆଲୋଚନା

ଆସନ୍ତା ୪ ତାରିଖ ନୌସେନା ଦିବସରେ ଭାରତୀୟ ନୌସେନା ତାର ପରାକ୍ରମ ଦେଖାଇବ। ଏହା ପୂର୍ବରୁ ପୁରୀ ବ୍ଲୁ-ଫ୍ଲାଗ୍ ବିଚ୍‌ରେ ଯୁଦ୍ଧକୌଶଳ ପ୍ରଦର୍ଶନ ଲାଗି ଅଭ୍ୟାସ ଚାଲିଛି। ପୂର୍ଣ୍ଣ ଅଭ୍ୟାସ ପ୍ରଦର୍ଶନ ପୂର୍ବରୁ ବିଚ୍‌ରେ ପର୍ଯ୍ୟଟକଙ୍କ ପ୍ରବେଶ ଉପରେ କଟକଣା କରାଯିବ। ୧୫ରୁ ଅଧିକ ଯୁଦ୍ଧଜାହାଜ ଓ ବୁଡ଼ାଜାହାଜ ପହଞ୍ଚି ସାରିଛି। ପାୱାର ଓ ରେସ୍‌କ୍ୟୁ ବୋଟ୍ ମଧ୍ୟ ପ୍ରସ୍ତୁତ ରହିଛି। ତେବେ ନୌସେନା ଦିବସକୁ ସ୍ମରଣୀୟ କରାଇବା ପାଇଁ ବ୍ୟାପକ ପ୍ରସ୍ତୁତି ଜାରି ରହିଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗଦେବେ। ରାଷ୍ଟ୍ରପତିଙ୍କ ଉପସ୍ଥିତିରେ ନୌସେନା ଶତ୍ରୁକୁ କିଭଳି ମାତ୍ ଦିଆଯାଏ, ସେ ନେଇ ଯୁଦ୍ଧକୌଶଳ ପ୍ରଦର୍ଶନ କରାଯିବ।

ବେଳାଭୂମିରେ ଜିପ୍ ଯୁଦ୍ଧ କୌଶଳ, ଲ୍ୟାଣ୍ଡମାଇନ ବିସ୍ଫୋରଣ, ଯୁଦ୍ଧ ହେଲିକପ୍ଟରର ଦୁଃସାହସିକ ଉଡ଼ାଣ କୌଶଳ ପ୍ରଦର୍ଶନ, ଫ୍ଲାଗ୍‌ମାର୍ଚ୍ଚ, ସମୁଦ୍ର ଭିତରୁ ଉଦ୍ଧାର କାର୍ଯ୍ୟ, ଟ୍ୟାଙ୍କଗୁଡ଼ିକର ଯୁଦ୍ଧକୌଶଳ, କମାଣ୍ଡଙ୍କ ବନ୍ଧୁକ ଚାଳନା, ଜାହାଜରେ ଯୁଦ୍ଧ ହେଲିକପ୍ଟରର ଅବତରଣ ଏବଂ ଉଡ଼ାଣ, ହେଲିକପ୍ଟରରୁ ଗୋଳା ବର୍ଷଣ, ଜେଟ୍ ବିମାନଗୁଡ଼ିକର ଯୁଦ୍ଧ କଳା ଏବଂ ଗୋଳାବର୍ଷଣ, ଆଣ୍ଟି ଏୟାର ଡିଫେନ୍ସ କୌଶଳ, ଯୁଦ୍ଧ ଜାହାଜରୁ ଗୋଳା ବର୍ଷଣ, ଯବାନଙ୍କ ଫାୟାର ଗନ୍ ଡ୍ରିଲ୍ ପ୍ରଭୃତି କରାଯାଉଛି। ପୁରୀବାସୀଙ୍କ ନିମନ୍ତେ ଲାଇଟ୍ ହାଉସ୍‌ଠାରୁ ଦିଗବାରେଣୀ ଖୁଣ୍ଟି, ନୀଳାଦ୍ରି ବିଚ୍‌ରୁ ପେଣ୍ଠକଟା ପର୍ଯ୍ୟନ୍ତ ସବୁ ସ୍ଥାନରେ ଯୁଦ୍ଧ ଜାହାଜ, ଏୟାରକ୍ରାଫ୍ଟ ଓ ରଣକୌଶଳ ଦେଖିବାର ସୁଯୋଗ ରହିଛି। ସୁରକ୍ଷା ଦାୟିତ୍ୱରେ ସମୁଦାୟ ୮୦ ପ୍ଲାଟୁନ ଫୋର୍ସ ସହ ୩୦୦ ବରିଷ୍ଠ ଅଧିକାରୀ ମୁତୟନ ହେବେ। ଭୁବନେଶ୍ୱରଠାରୁ ପୁରୀ ଏବଂ ସମ୍ପୂର୍ଣ୍ଣ ପୁରୀ ସହରରେ ଟ୍ରାଫିକ, ପାର୍କିଂ ବ୍ୟବସ୍ଥା ଉପରେ ବିଶେଷ ଦୃଷ୍ଟି ଦିଆଯାଇଛି। ସେହିପରି ଭିଆଇପି ଓ ଭିଭିଆଇପିଙ୍କ ସୁରକ୍ଷାକୁ ପ୍ରାଧାନ୍ୟ ଦିଆଯାଇଛି। ଅପରପକ୍ଷରେ ଶନିବାର ଏସ୍‌ପି ବିନୀତ ଅଗ୍ରୱାଲ୍ ବ୍ଲୁ-ଫ୍ଲାଗ୍ ବିଚ୍ ଯାଇ ସମୀକ୍ଷା କରିଥିବା ବେଳେ ସେନାର ବରିଷ୍ଠ ଅଧିକାରୀଙ୍କ ସହ ପ୍ରସ୍ତୁତି ନେଇ ଆଲୋଚନା କରିଛନ୍ତି।



ପୁରୀ ବେଳାଭୂମିରେ ନୌସେନା ଦିବସ ପାଇଁ ଅଭ୍ୟାସ କରାଯାଉଛି ।



ଯବାନମାନେ ଫ୍ଲାଗ୍‌ମାର୍ଚ୍ଚ କରୁଛନ୍ତି ।

## ସଂକ୍ଷେପରେ

### ଜିଲା ସୂଚନା ଓ ପ୍ରଯୁକ୍ତି ବିଜ୍ଞାନ ଅଧିକାରୀଙ୍କ ପଦୋନ୍ନତି

କଟକ,୩୦ା୧୧ (କାର୍ତ୍ତିକ ସାହୁ)

ଜିଲା ସୂଚନା ଓ ପ୍ରଯୁକ୍ତି ବିଜ୍ଞାନ ଅଧିକାରୀ ବୈଜ୍ଞାନିକ ଇତିଶ୍ରୀ ନନ୍ଦ ପଦୋନ୍ନତି ପାଇ ନିର୍ଦ୍ଦେଶିକା ଭାବେ ସୂଚନା ଓ ପ୍ରଯୁକ୍ତି ବିଜ୍ଞାନ କେନ୍ଦ୍ର, ରାଜ୍ୟ ମୁଖ୍ୟ କାର୍ଯ୍ୟାଳୟ ଭୁବନେଶ୍ୱରକୁ ବଦଳି ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ଅଧିକାରୀ, କର୍ମଚାରୀମାନେ ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି। ଅତିରିକ୍ତ ଜିଲାପାଳ ଡ. ଦିବ୍ୟଲୋଚନ ମହାନ୍ତଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧିକାରୀ ଓ କର୍ମଚାରୀମାନେ ନନ୍ଦଙ୍କ କାର୍ଯ୍ୟଶୈଳୀ ସମ୍ପର୍କରେ ଆଲୋଚନା କରିଥିଲେ। ଜିଲା ୱେବ୍‌ସାଇଟ୍‌ରେ ଉପଯୁକ୍ତ ତଥ୍ୟ ଉପଲବ୍ଧ କରାଇବା, ନିର୍ବାଚନ ଏବଂ ବାଲିଯାତ୍ରା ସମୟରେ ସୂଚନା ଓ ପ୍ରଯୁକ୍ତି କ୍ଷେତ୍ରରେ ତାଙ୍କର କାର୍ଯ୍ୟ ଦକ୍ଷତା ଉଲ୍ଲେଖନୀୟ ବୋଲି ସଭିଏ କହିଥିଲେ। ନନ୍ଦଙ୍କ ସ୍ଥାନରେ ମୃତ୍ୟୁଞ୍ଜୟ ନାୟକ ନୂତନ ଜିଲା ସୂଚନା ଓ ପ୍ରଯୁକ୍ତି ଅଧିକାରୀ ଭାବେ କାର୍ଯ୍ୟରେ ଯୋଗଦେଇଥିବାରୁ ତାଙ୍କୁ ଏହି ଅବସରରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସମସ୍ତ ଡେପୁଟି କଲେକ୍ଟର, ବିଭାଗୀୟ ଅଧିକାରୀ, ଷ୍ଟାଫ କମିଟି କର୍ମକର୍ତ୍ତା ଓ କାର୍ଯ୍ୟାଳୟର କର୍ମଚାରୀ ଉପସ୍ଥିତଥିଲେ।

### ଅବସର ନେଲେ ଶିଳ୍ପ ନିର୍ଦ୍ଦେଶାଳୟର ପ୍ରଶାସନିକ ଅଧିକାରୀ

କଟକ,୩୦ା୧୧ (କାର୍ତ୍ତିକ ସାହୁ)

ଶିଳ୍ପ ନିର୍ଦ୍ଦେଶାଳୟର ପ୍ରଶାସନିକ ଅଧିକାରୀ ଦେବାଶିଷ ଦାସଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ନିର୍ଦ୍ଦେଶାଳୟର ମଧୁସୂଦନ ସଭାଗୃହରେ ଶନିବାର ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଶିଳ୍ପ ନିର୍ଦ୍ଦେଶକ ପ୍ରଭୁପ୍ରସାଦ ଚୌଧୁରୀ ବିଦାୟୀ ଅଧିକାରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଉପ ଶିଳ୍ପନିର୍ଦ୍ଦେଶିକା ହରପ୍ରିୟା ଦାଶ, ଯୁଗ୍ମ ଶିଳ୍ପ ନିର୍ଦ୍ଦେଶକ ମିତ୍ରାଂଶୁ ତ୍ରିପାଠୀ, ପ୍ରଶାସନିକ ଅଧିକାରୀ ପରେଶ କୁମାର ଦାସ, ସୁଜାତା ସାହୁ, ଅମ୍ବୁଜ ଦାସ, ଶିଶିର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ଦନ୍ତ ଚିକିତ୍ସା ଶିବିର

ଚୌଦ୍ୱାର,୩୦ା୧୧ (ଆଶୁତୋଷ ଦାସ)

ସ୍ଥାନୀୟ ନାବାଳକ ନିଶାମୁକ୍ତି କେନ୍ଦ୍ର 'ପରିବର୍ତ୍ତନ'ରେ ଦାତବ୍ୟ ଦନ୍ତ ଚିକିତ୍ସା ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। କୋଲ୍‌କାତାର ଭୀମସେନ ଫାଉଣ୍ଡେଶନ୍ ଓ ଚୌଦ୍ୱାର ଉଦ୍ଧାର ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ଆୟୋଜିତ ଶିବିରରେ ଭୁବନେଶ୍ୱର ହାଇଟେକ୍ ମେଡିକାଲର ବିଶେଷଜ୍ଞମାନେ ଯୋଗଦେଇ ନିଶାମୁକ୍ତ କେନ୍ଦ୍ରର ଅନ୍ତେବାସୀ, କର୍ମଚାରୀ ଓ ସ୍ଥାନୀୟ ଅଞ୍ଚଳର ରୋଗୀଙ୍କ ଦନ୍ତ ପରୀକ୍ଷା କରିଥିଲେ। ଉଦ୍ଧାର ଫାଉଣ୍ଡେଶନ ସଭାପତି ନରୋତ୍ତମ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ନିଶାମୁକ୍ତି କେନ୍ଦ୍ରର ପ୍ରିୟଙ୍କା ଦାସ, ବଦ୍ରିନାରାୟଣ ମହାପାତ୍ର, ସୁବ୍ରତ ଖଟୁଆ, ସୌମ୍ୟରଞ୍ଜନ ପରିଡ଼ା ପ୍ରମୁଖ ସହଯୋଗ କରିଥିଲେ।

# ଫୁଲନଖରା-ନିଆଳି ରାସ୍ତା ବିପର୍ଯ୍ୟସ୍ତ

■ ଦୁର୍ଘଟଣା ଘଟୁଛି, ପଥଚାରୀ ଅସନ୍ତୁଷ୍ଟ
■ ମରାମତି ପାଇଁ ଦାବି

କଣ୍ଟାପଡା,୩୦ା୧୧ (ସୁରନାରାୟଣ ସାହୁ)

ଫୁଲନଖରା-ନିଆଳି ୬୦ ନମ୍ବର ରାଜ୍ୟପଥର ଫୁଲନଖରାଠାରୁ ସଲେଇ ଛକ ପର୍ଯ୍ୟନ୍ତ ପ୍ରାୟ ୨୩ କିମି ରାସ୍ତା ବିପର୍ଯ୍ୟସ୍ତ ହୋଇପଡ଼ିଛି। ରାସ୍ତାର ଅଧିକାଂଶ ସ୍ଥାନରେ ପିଚୁ ଉଠି ଖାଲଖମା ହୋଇଛି। ଏଥିଯୋଗୁ ପ୍ରତିଦିନ ଦୁର୍ଘଟଣା ଘଟୁଛି। ଏହାକୁ ନେଇ ପଥଚାରୀ ଓ ଗାଡ଼ି ଚାଳକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ରାସ୍ତା ମରାମତି ପାଇଁ ସେମାନେ ଦାବି କରିଛନ୍ତି।

ସୂଚନା ଅନୁଯାୟୀ, ଉକ୍ତ ରାସ୍ତା କଣ୍ଟାପଡ଼ା ପୂର୍ତ୍ତ ବିଭାଗ ଅଧୀନରେ ରହିଛି। ଏହି ରାସ୍ତାର ଫୁଲନଖରାଠାରୁ ପ୍ରାୟ ୪ କିମି ୪ ଲେନ୍‌ବିଶିଷ୍ଟ ହୋଇଥିବାବେଳେ ଅବଶିଷ୍ଟ ୧୯ କିମି ୨ ଲେନ୍ ହୋଇଛି। ଏହି ରାସ୍ତାପାର୍ଶ୍ୱରେ ୪ଟି ବଡ଼ ବୈଷୟିକ ଶିକ୍ଷାନୁଷ୍ଠାନ, ୨ଟି ମହାବିଦ୍ୟାଳୟ ସମେତ ଏକାଧିକ ଛୋଟ ବଡ଼ ଶିକ୍ଷାନୁଷ୍ଠାନ ରହିଛି। ଏତଦ୍‌ବ୍ୟତୀତ ଓଲଟପୁରଠାରେ ଏସ୍‌ଭି ନିର୍‌ତାର ପାରାମେଡିକାଲ କଲେଜ ଓ ଦିବ୍ୟାଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟ ରହିଛି। ପ୍ରତିଦିନ ଶତାଧିକ ଛାତ୍ରୀଛାତ୍ର ଶିକ୍ଷାନୁଷ୍ଠାନଗୁଡିକୁ ପଢ଼ିବା ପାଇଁ ଯାତାୟାତ କରୁଛନ୍ତି। ଏଥିସହ ପୁରୀ, ଖୋର୍ଦ୍ଧା, ଜଗତ୍‌ସିଂହପୁର ଜିଲାର ଜନସାଧାରଣ କଟକ ଓ ଭୁବନେଶ୍ୱର ଯିବା ପାଇଁ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି। ଗତ ସାଧାରଣ ନିର୍ବାଚନ ପୂର୍ବରୁ ଉକ୍ତ ରାସ୍ତାର କିଛି ସ୍ଥାନରେ ଗର୍ତ୍ତ ସୃଷ୍ଟି ହୋଇଥିଲା। ନିର୍ବାଚନ ଆଚରଣବିଧି ଲାଗୁ ଯୋଗୁ ରାସ୍ତା ମରାମତି ହୋଇପାରି ନ ଥିଲା। ବର୍ଷାଋତୁ ପାଇଁ ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ ଠପ୍ ହେବା ଫଳରେ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଥିଲା। ଦଶହରା ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ଅଳ୍ପ କେତେକ ସ୍ଥାନରେ ମରାମତି କରାଯାଇଥିଲା। ହେଲେ ଏବେ ଉକ୍ତ ରାସ୍ତାର ମଇଧରପଡ଼ା, ମନ୍ଦାରିଆ, ମହାନ୍ତି ପାଟଣା, ମଠ ବଜାର, ନଡ଼ିଆଗୁରୁଡ଼ି, ସୁନ୍ଦରଗ୍ରାମ, ବାଗଲପୁର, ଦାମୋଦରପୁର, କଣ୍ଟାପଡ଼ା, ଶିଶୁଆ ଆଦି ସ୍ଥାନରେ ବଡ଼ ବଡ଼ ଖାଲ ସୃଷ୍ଟି ହେବା ଯୋଗୁ ଦୁର୍ଘଟଣା ଘଟୁଛି। ଏ ସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ପ୍ରେମଲତା ଦାଶ କହିଛନ୍ତି, ଟେଣ୍ଡର ଜରିଆରେ ରାସ୍ତା ମରାମତି ପାଇଁ ୨ଜଣ ଠିକାଦାରଙ୍କୁ କାର୍ଯ୍ୟାଦେଶ ଦିଆଯାଇଛି। ଖୁବ୍‌ଶୀଘ୍ର ମରାମତି କାମ ଆରମ୍ଭ ହେବ।


କଣ୍ଟାପଡ଼ା ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ନିକଟ ରାସ୍ତାରେ ଖାଲ।

## ନିର୍ମାଣ ଶ୍ରମିକଙ୍କୁ ସହାୟତା ରାଶି ପ୍ରଦାନ



କାର୍ଯ୍ୟକ୍ରମରେ ଜିଲାପାଳ ଜଣେ ହିତାଧିକାରୀଙ୍କୁ ଚେକ୍ ପ୍ରଦାନ କରୁଛନ୍ତି।

କଟକ,୩୦ା୧୧ (କାର୍ତ୍ତିକ ସାହୁ)

ନିର୍ମାଣ ଶ୍ରମିକ କଲ୍ୟାଣ ସମାରୋହ ଅବସରରେ ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧୀନରେ ପଞ୍ଜିକୃତ ହିତାଧିକାରୀଙ୍କୁ ସହାୟତା ରାଶି ପ୍ରଦାନ କରାଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଶନିବାର ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ମୋଟ ୪୮୨ ଜଣଙ୍କୁ ୨ କୋଟି ୮୬ ଲକ୍ଷ ୬୮ ହଜାର ୬୦୦ ଟଙ୍କାର ସହାୟତା ରାଶି ସେମାନଙ୍କ ସଞ୍ଚୟ ଖାତାକୁ ଅନ୍‌ଲାଇନ୍ ଯୋଗେ ପଠାଇଛନ୍ତି। ସେଥିମଧ୍ୟରେ ୬୫ ଜଣଙ୍କୁ ମୃତ୍ୟୁକାଳୀନ ସହାୟତା ୧,୩୨,୦୦,୦୦୦ ଟଙ୍କା, ୬୬ ଜଣଙ୍କୁ ଅନ୍ତ୍ୟେଷ୍ଟିକ୍ରିୟା ସହାୟତା ୩,୩୦,୦୦୦ ଟଙ୍କା, ୨୮୪ ଜଣଙ୍କୁ ବିବାହ ପ୍ରୋତ୍ସାହନ ସହାୟତା ୧,୪୦,୨୫,୦୦୦ ଟଙ୍କା, ୩୨ ଜଣଙ୍କୁ ପ୍ରସୂତିକାଳୀନ ସହାୟତା ୩,୨୦,୦୦୦ ଟଙ୍କା ଏବଂ ୩୫ ଜଣଙ୍କୁ ଶିକ୍ଷା ସହାୟତା ବାବଦରେ ୭,୯୩,୬୦୦ଟଙ୍କା ରହିଛି। ଏହି କାର୍ଯ୍ୟକ୍ରମରେ ପ୍ରଭାଗୀୟ ଶ୍ରମ ଆୟୁକ୍ତ ହରପ୍ରିୟା ନାୟକ, ଜିଲା ଶ୍ରମ ଅଧିକାରୀ (କଲ୍ୟାଣ) ପ୍ରୀତିବନ୍ଧନ ଘଡ଼ାଇ, ସହକାରୀ ଶ୍ରମ ଅଧିକାରୀ ଡା. ସୀମାନ୍ତ କୁମାର ସାହୁ, ତୃପ୍ତିମୟୀ ଖଟୁଆ, କଲ୍ୟାଣ ସଂଯୋଜକ ଚନ୍ଦନ କୁମାର ସିଂହ ପ୍ରମୁଖ ଉପସ୍ଥିତ ଥିଲେ।



ଚିକିତ୍ସା ଭତ୍ତା ଦାବିରେ ଓଡ଼ିଶା ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଂଘ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।

## ଅବସରପ୍ରାପ୍ତ ଟ୍ୟାକ୍ସ କଲେକ୍ଟରଙ୍କୁ ୪ ବର୍ଷ କାରାଦଣ୍ଡ

କଟକ,୩୦ା୧୧ (କାର୍ତ୍ତିକ ସାହୁ)

କଟକ ମହାନଗର ନିଗମ (ସିଏମ୍‌ସି)ର ଅବସରପ୍ରାପ୍ତ ଲ' ମୋହରିର ତଥା ଟ୍ୟାକ୍ସ କଲେକ୍ଟର ଉସ୍‌ମାନ ଖାନ୍ ଭିଜିଲାନ୍ସ ଅଦାଲତରେ ଦଣ୍ଡିତ ହୋଇଛନ୍ତି। କଟକ ଭିଜିଲାନ୍ସ ସ୍ୱତନ୍ତ୍ର ଜଜ୍ ତାଙ୍କୁ ୪ ବର୍ଷ ସଶ୍ରମ କାରାଦଣ୍ଡ ସହ ଜରିମାନା ଆଦେଶ ଶନିବାର ପ୍ରଦାନ କରିଛନ୍ତି। ଫଳରେ ଦଣ୍ଡ ଭୋଗିବା ପାଇଁ ତାଙ୍କୁ କାରାଗାରକୁ ପଠାଇ ଦିଆଯାଇଥିବା ଜଣାପଡିଛି। ସେ ଚାକିରିରେ ଥାଇ ଲୋକଙ୍କଠାରୁ ଆଦାୟ କରୁଥିବା ସିଏମ୍‌ସିର ଜରିମାନା ଅର୍ଥକୁ ହେରଫେର କରିଥିବା ଅଭିଯୋଗ ହୋଇଥିଲା। ସେ ଭିଜିଲାନ୍ସ ହାତରେ ଧରାପଡ଼ିବା ପରେ ତାଙ୍କ ବିରୋଧରେ ମାମଲା ରୁଜୁ ହୋଇ ତଦନ୍ତ କରାଯାଇଥିଲା। ଭିଜିଲାନ୍ସ କଟକ ଡିଭିଜନର ପୂର୍ବତନ ଇନ୍ସପେକ୍ଟର ଭରତ ଚନ୍ଦ୍ର ସେଠୀ ମାମଲାର ତଦନ୍ତ କରିଥିଲେ। ସ୍ୱତନ୍ତ୍ର ପିପି ରାକେଶ ସାହୁ ମାମଲା ପରିଚାଳନା କରିଥିଲେ।

## ବିବେକଙ୍କ ମୁଣ୍ଡରୁ କଢ଼ାଗଲା କଟୁରି

### ଏସ୍‌ସିବିରେ ଜଟିଳ ଅସ୍ତ୍ରୋପଚାର ସଫଳ

କଟକ,୩୦ା୧୧ (ଶିଳ୍ପା ପ୍ରିୟଦର୍ଶିନୀ)

କଟକ ଏସ୍‌ସିବି ମେଡିକାଲର ନ୍ୟୁରୋସର୍ଜରି ବିଭାଗରେ ଶନିବାର ଜଟିଳ ଅସ୍ତ୍ରୋପଚାର ସଫଳ ହୋଇଛି। ଫଳରେ କନ୍ଧମାଳ ଅଞ୍ଚଳର ବିବେକ କଅଁର(୨୩) ନୂଆ ଜୀବନ ପାଇଛନ୍ତି। ସୂଚନା ଅନୁଯାୟୀ, ଜମିଜମା ବିବାଦକୁ କେନ୍ଦ୍ରକରି ବିବେକଙ୍କୁ ତାଙ୍କ ବାପା କଟୁରିରେ ଶୁକ୍ରବାର ଆକ୍ରମଣ କରିଥିଲେ। ଫଳରେ ତାଙ୍କ ମୁଣ୍ଡର ପ୍ରାୟ ୪ ସେମି ଭିତରକୁ କଟୁରି ପଶିଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରୁ ତାଙ୍କୁ ଏସ୍‌ସିବି ମେଡିକାଲକୁ ଶନିବାର ସ୍ଥାନାନ୍ତର କରାଯାଇଥିଲା। ଏସ୍‌ସିବି ମେଡିକାଲର ନ୍ୟୁରୋସର୍ଜରି ବିଭାଗରେ ପ୍ରାୟ ୩ ଘଣ୍ଟା ଧରି ଅସ୍ତ୍ରୋପଚାର କରାଯାଇ ବିବେକଙ୍କ ମୁଣ୍ଡରୁ କଟୁରି କଢ଼ାଯାଇଛି। ବିଭାଗୀୟ ଡା. ପ୍ରତାପ ଶତପଥୀ, ଡା. ନରସିଂହ ପ୍ରଧାନ, ଡା. ରୋଶନ ମେହେର ଏହି ଅସ୍ତ୍ରୋପଚାର କରିଥିଲେ। ଏବେ ବିବେକଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ମେଡିକାଲ ପକ୍ଷରୁ ସୂଚନା ମିଳିଛି।

## ପାଇଥିବା ମନିପର୍ସ ପୋଲିସକୁ ଦେଲେ ଯୁବକ

କଟକ ସଦର, ୩୦ା୧୧ (ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ନାନପୁର ଗ୍ରାମର ଯୁବକ ସରୋଜ କୁମାର ବାରିକ କିଛିଦିନ ତଳେ କଟକ ନୂଆବଜାର ଓଭରବ୍ରିଜ୍ ନିକଟରୁ ଏକ ମନିପର୍ସ ପାଇ ସିଆର୍‌ଆର୍‌ଆଇ ଥାନାରେ ପୋଲିସକୁ ଦେଇଥିଲେ। ଉକ୍ତ ପର୍ସରେ ୭,୦୦୦ ଟଙ୍କା ଓ ଅନ୍ୟାନ୍ୟ ଜରୁରୀ କାଗଜପତ୍ର ଥିଲା। ପରେ ପୋଲିସ ଅନୁସନ୍ଧାନ କରି ଏହି ପର୍ସ ନୂଆବଜାର ଅଞ୍ଚଳର ସୁଶାନ୍ତ କୁମାର ପ୍ରଧାନଙ୍କ ବୋଲି ଜାଣିବାକୁ ପାଇଥିଲା। ଶନିବାର ଉକ୍ତ ପର୍ସକୁ ପୋଲିସ ତାଙ୍କୁ ହସ୍ତାନ୍ତର କରିଛି। ତେବେ ସରୋଜଙ୍କ ଏଭଳି ସଚ୍ଚୋଟତା ପାଇଁ ଶିକ୍ଷାବିତ୍ ବିମଳ କୁମାର ପଣ୍ଡା, ପଣ୍ଡିତ ହୃଦାନନ୍ଦ ହୋତା, ତ୍ରିନାଥ ବେହେରା, ଅଶୋକ ଭୋଇ, କାଳୀକିଙ୍କର ପାଇକ, ପରିବେଶବିତ୍ ଦେବୀପ୍ରସାଦ ପତି, ସମୀର କୁମାର ସେନାପତି, ଜୟନ୍ତ ଦାସ, ସଙ୍ଗଠକ ପୀୟୂଷ ରଞ୍ଜନ ପରିଡ଼ା ପ୍ରମୁଖ ତାଙ୍କୁ ଧନ୍ୟବାଦ ଜଣାଇବା ସହ ସମ୍ବର୍ଦ୍ଧିତ କରିଛନ୍ତି।


ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଶନିବାର କଟକ ବାଲିଯାତ୍ରା ତଳପଡିଆରୁ ଆବର୍ଜନା ଓ ପଲିଥିନ୍ ସଫା କରାଯାଉଛି।

## ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ


ଉଦ୍‌ଯାପନୀ ଉତ୍ସବରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ଚୌଦ୍ୱାର,୩୦ା୧୧ (ଆଶୁତୋଷ ଦାସ)

ଚୌଦ୍ୱାର କଲେଜର ବାର୍ଷିକ କ୍ରୀଡ଼ା ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ଦୁଇଦିନ ଧରି ଆୟୋଜିତ ଏହି ଉତ୍ସବକୁ କଲେଜ ଅଧ୍ୟକ୍ଷା ରଶ୍ମି ରାଉତରାୟ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶା ଭାରୋତ୍ତୋଳନ ସଂଘ ସଭାପତି ଚିତ୍ତରଞ୍ଜନ ସ୍ୱାଇଁ, କଟକ ମହାନଗର ନିଗମର ସ୍ୱାସ୍ଥ୍ୟ ଅଧିକାରୀ ଡ. ସତ୍ୟବ୍ରତ ମହାପାତ୍ର, କଳିଙ୍ଗ ଜିମ୍ନାସିୟମର ସମ୍ପାଦକ ବିରଜା ପ୍ରସାଦ ଦାସ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ପ୍ରାଧ୍ୟାପକ ସଞ୍ଜୟ କୁମାର ଧଳଙ୍କ ତତ୍ତ୍ୱାବଧାନରେ ଅନିଲ କୁମାର ମହାନ୍ତି, ନାରାୟଣ ସାହୁ, ପ୍ରଫୁଲ୍ଲ କୁମାର ସାମଲ, ଭୈରବ ମହାନ୍ତି ପ୍ରମୁଖ କ୍ରୀଡ଼ା ପ୍ରତିଯୋଗିତା ପରିଚାଳନା କରିଥିଲେ। ଅଧ୍ୟାପକ ବସନ୍ତ କୁମାର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

## କଟକ ପ୍ରତି ସମୀର ଦେ'ଙ୍କ ଅବଦାନ ରହିଛି

### ସମୀର ଦେଙ୍କ ଶ୍ରଦ୍ଧାଞ୍ଜଳି ସଭା

କଟକ,୩୦ା୧୧ (ଶିଳ୍ପା ପ୍ରିୟଦର୍ଶିନୀ)

ପୂର୍ବତନ ମନ୍ତ୍ରୀ ତଥା କଟକ ମହାନଗର ଶାନ୍ତି କମିଟି ଉପଦେଷ୍ଟା ସମୀର ଦେଙ୍କ ବିୟୋଗରେ ଦରଘାବଜାରସ୍ଥିତ କମିଟିର କାର୍ଯ୍ୟାଳୟଠାରେ ଶ୍ରଦ୍ଧାଞ୍ଜଳି ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ଦେବେନ୍ଦ୍ର ନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ କର୍ମକର୍ତ୍ତା ପ୍ରଦୀପ କୁମାର ସିହ୍ନା, ନୃସିଂହ ଚରଣ ଚୌଧୁରୀ, ଦେବେନ୍ଦ୍ର କାହାଳୀ, ବିଜୟ କୁମାର ନାୟକ, ଜ୍ୟୋତିପ୍ରକାଶ ଘୋଷ, ମନୋରଞ୍ଜନ ସାହୁ, ନରେଶ ଚନ୍ଦ୍ର ସାହୁ, ତାପସ କୁମାର ପ୍ରହରାଜ, ଧର୍ମେଶ ନାୟକ, ନଳିନୀ କୁମାର ସେନାପତିଙ୍କ ସମେତ ଅନ୍ୟମାନେ ଯୋଗଦେଇ ସମୀରଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। କଟକ ପ୍ରତି ସମୀରଙ୍କ ବହୁ ଅବଦାନ ରହିଛି। ତାଙ୍କ ସ୍ଥାନ ଅପୂରଣୀୟ ହୋଇ ରହିବ ବୋଲି ସଭାରେ ମତପ୍ରକାଶ ପାଇଥିଲା।

## 'କରୁଣାର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ରମାଦେବୀ'

### ଉତ୍କଳ ସର୍ବୋଦୟ ମଣ୍ଡଳ ପକ୍ଷରୁ ୧୨୫ତମ ଜୟନ୍ତୀ

କଟକ,୩୦ା୧୧ (କାର୍ତ୍ତିକ ସାହୁ)

ଉତ୍କଳ ସର୍ବୋଦୟ ମଣ୍ଡଳ ପକ୍ଷରୁ ମା' ରମାଦେବୀଙ୍କ ଜୟନ୍ତୀ ଥୋରିଆସାହିସ୍ଥିତ ଗୁଣନିଧି ଭବନରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟବକ୍ତା ଭାବେ ପ୍ରଫେସର ସହଦେବ ପାତ୍ର ଯୋଗଦେଇ ମା' ରମାଦେବୀଙ୍କୁ କରୁଣାର ମୂର୍ତ୍ତିମନ୍ତ ପ୍ରତୀକ ବୋଲି କହିଥିଲେ। ମୁଖ୍ୟ ଅତିଥି ସର୍ବୋଦୟ ସାଧକ କୁଞ୍ଜ ବିହାରୀ ଦାଶ ସ୍କୁଲ ପିଲାଙ୍କୁ ରମାଦେବୀଙ୍କ ଜନହିତକର କାର୍ଯ୍ୟ ବିଷୟରେ କହିଥିଲେ। ସମ୍ମାନିତ ଅତିଥି ଡ. ସତ୍ୟ ରାୟ ବକ୍ତବ୍ୟରେ ରମାଦେବୀଙ୍କ ଜୀବନ ସାଧନା ଅନନ୍ୟ ବୋଲି କହିଥିଲେ। ଅନୁଷ୍ଠାନର ସଭାପତି କୈଳାସ ଚନ୍ଦ୍ର ସାଉ ଅଧ୍ୟକ୍ଷତା କରିଥିଲେ। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟ ସ୍ତରୀୟ ବକ୍ତୃତା ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବକ୍ତୃତା ପ୍ରତିଯୋଗିତାରେ ସେକେଣ୍ଡାରି ବୋର୍ଡ ହାଇସ୍କୁଲର ନବମ ଶ୍ରେଣୀ ଛାତ୍ରୀ ଆକାଂକ୍ଷା ପାତ୍ର ପ୍ରଥମ, ପୌର ସରକାରୀ ବାଳିକା ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ନାଜିଆ ପରୱିନ ଦ୍ୱିତୀୟ ଏବଂ ପୌର ସରକାରୀ ବାଳିକା ବିଦ୍ୟାଳୟର ଷଷ୍ଠ ଶ୍ରେଣୀ ଛାତ୍ରୀ ସୋନାଲିନ ରଣା ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଚାରକ ଭାବେ ଡ. ସତ୍ୟ ରାୟ ଓ ରମାକାନ୍ତ ନାଥ ମୂଲ୍ୟାୟନ କରିଥିଲେ। ଉତ୍କଳ ସର୍ବୋଦୟ ମଣ୍ଡଳର ସମ୍ପାଦକ ରମାକାନ୍ତ ମଣ୍ଡଳ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଗଜେନ୍ଦ୍ର ପାଣି, ରେଣୁକା ସାହୁ, ପୁଷ୍ପଲତା ପାଲ୍, ରାକେଶ କୁମାର ନାୟକ, ଡ. ଅକ୍ଷୟ କୁମାର ମିଶ୍ର, ସୁବାସ କୁମାର ପାତ୍ର, ସ୍ନେହାଂଶୁ ଜେନା, ଇନ୍ଦୁମତୀ ସାହୁ, ମାଳତୀ ପାତ୍ର, କାନନ ସାମନ୍ତରାୟ, ପ୍ରଭାତ କୁମାର ପାତ୍ର ପ୍ରମୁଖ ରମାଦେବୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

## ଫଟୋରେ ଖବର


କଟକ ସତ୍ୟବ୍ରତ ଷ୍ଟାଡିୟମରେ ଶନିବାର ବନବାସୀ କଲ୍ୟାଣ ଆଶ୍ରମର ୨୭ତମ ରାଜ୍ୟସ୍ତରୀୟ ଜନଜାତି କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଘାଟନୀ ସମାରୋହରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ଅନ୍ୟ ଅତିଥିବୃନ୍ଦ।



ଟାଉନ୍ ହଲ୍‌ରେ କଟକ ନଗର ଆଇନ ପ୍ରକୋଷ୍ଠ ଭାଜପା ପକ୍ଷରୁ ସମ୍ବିଧାନ ଦିବସ ପାଳନ ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଏମ୍‌ପି ଭର୍ତ୍ତୃହରି ମହତାବ ଓ ଅନ୍ୟ ଅତିଥିବୃନ୍ଦ।

